### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,(ବ୍ୟୁରୋ):** ଖାରବେଳନଗର ଥାନା ଶାନ୍ତିପଲ୍ଲୀ ବସ୍ତିରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ କରାଯାଇଛି। ସେ ହେଲେ ମହିମା ମହାରଣା(୨୧)। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ-୨୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସର କହିବା ଅନୁଯାୟୀ, ଯୁବତୀଙ୍କ ମା'ବାପା ଘରେ ନ ଥିବାବେଳେ ତାଙ୍କ ଦୁଇ ଭଉଣୀ ଟ୍ୟୁଶନ ଯାଇଥିଲେ। ଏହି ସମୟରେ ମହିମା ଘରେ ଏକ ଓଢଣୀରେ ଝୁଲୁଥିବା ପଡୋଶୀ ଦେଖି ଖବର ଦେଇଥିଲେ।

## ସଂକ୍ଷେପରେ

### ତଥ୍ୟ ମାଗିବାରୁ ସୂଚନାଧିକାର କର୍ମୀଙ୍କୁ ହତ୍ୟା ଧମକ

**କଟକ ଅଫିସ,୨।୮:** ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଅନୁସାରେ ତଥ୍ୟ ମାଗିବାରୁ ଆର୍‌ଟିଆଇ କର୍ମୀ ଜିତେନ୍ଦ୍ର ସାହୁଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ମଧୁପାଟଣା ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ତୁଷାରକାନ୍ତି ସେଠୀ କହିଛନ୍ତି। ସୋମବାର ଜିତେନ୍ଦ୍ର ଆର୍‌ଟିଆଇ ତଥ୍ୟ ପାଇଁ କଟକ ଜିଲା ଶ୍ରମ କାର୍ଯ୍ୟାଳୟକୁ ଯାଇଥିଲେ। ୮-୧୦ଜଣ ବ୍ୟକ୍ତି ତାଙ୍କୁ କାର୍ଯ୍ୟାଳୟର ଗୋଟିଏ ଘରକୁ ଡାକିନେଇ ତଥ୍ୟ ନ ମାଗିବା ପାଇଁ ନାନା ଧମକ ଦେଇଥିଲେ। ଜିତେନ୍ଦ୍ର ମୋବାଇଲରେ ଏହାର ଭିଡିଓ କରି ବିଭାଗୀୟ ଅଧିକାରୀ ବନମାଳୀ ମହାପାତ୍ରଙ୍କୁ ଜଣାଇଥିଲେ।

### କୁକୁର ମୁଣ୍ଡରେ ପଶିରହିଲା ପ୍ଲାଷ୍ଟିକ ପାତ୍ର

**ଭୁବନେଶ୍ୱର,୨।୮(ବ୍ୟୁରୋ):** କିଛିଦିନ ହେବ ଏକ ବୁଲା କୁକୁର ମୁଣ୍ଡରେ ଏକ ପ୍ଲାଷ୍ଟିକ ପାତ୍ର ପଶିଯାଇଥିଲା। ଫଳରେ କୁକୁରଟି ଖାଇବାପିଇବା କରି ନ ପାରି ଦୁର୍ବଳ ସହ ପାଗଳପ୍ରାୟ ହୋଇପଡିଥିଲା। ଖବରପାଇ ପଶୁପ୍ରେମୀ ଦେବ ପ୍ରସାଦ ମହାକୁଡ ଏ ବିଷୟରେ ବିଏମ୍‌ସିକୁ ଟୁଇଟ କରି ଜଣାଇବା ପରେ ବିଏମ୍‌ସିର ଉଦ୍ଧାରକାରୀ ଦଳ ପହଞ୍ଚି ବହୁ ସମୟ ପରେ ସତ୍ୟନଗର ନିକଟରେ କୁକୁରକୁ ପାଇବା ପରେ ପାତ୍ରଟିକୁ କଢ଼ାଯାଇଥିଲା। କୌଣସି ପ୍ରାଣୀଙ୍କୁ ବିପଦ ଅବସ୍ଥାରେ ଥିବା ଦେଖିଲେ ଟୋଲ୍ ଫ୍ରି ନଂ.୧୮୦୦ ୩୪୫ ୭୪୫୮ ରେ ଜଣାଇବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି।

### ରାଜ୍ୟ ପାଲା ଗାୟକ ପରିଷଦର କାର୍ଯ୍ୟକାରିଣୀ ବୈଠକ

**ଫୁଲନଖରା,୨।୮(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ପଞ୍ଚବଟିସ୍ଥିତ ପାଲା ପ୍ରଶିକ୍ଷଣ ଓ ପାଠାଗାର ସଭା ଗୃହରେ ସୋମବାର ରାଜ୍ୟ ପାଲା ଗାୟକ ପରିଷଦର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ପକ୍ଷରୁ ଆୟୋଜିତ ବୈଠକରେ ସଭାପତି ମଦନମୋହନ ଜେନା ଅଧକ୍ଷତା କରିଥିଲେ। ପ୍ରଥମେ ଦିବଙ୍ଗତ ପାଲା ଗାୟକ, ବାଦକ ଓ ସଙ୍ଗୀତଜ୍ଞଙ୍କ ପାଇଁ ଶୋକ କରିଥିଲେ। ବୈଠକରେ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ୧୦ ଦଫା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଅବିଭକ୍ତ ପୁରୀ ଜିଲା ପୂର୍ବତନ ସଭାପତି ଯୁଧିଷ୍ଠିର ପରିଜା, ରବୀନ୍ଦ୍ର ସାମନ୍ତରାୟ, ସମ୍ପାଦକ ସୁଦର୍ଶନ ମହାପାତ୍ର, ଚକ୍ରଧର ବାରିକ, ସହ ସମ୍ପାଦକ ଜ୍ଞାନପ୍ରିୟ କାନୁନଗୋ, ସୁବାସ ଚନ୍ଦ୍ର ସେନାପତି, କୋଷାଧକ୍ଷ ସନ୍ତୋଷ ପଟ୍ଟନାୟକ, ପ୍ରଭାତ ଶ୍ରୀଚନ୍ଦନ, ନୃସିଂହଚରଣ ହୋତା, ଶିବପ୍ରସାଦ ଦ୍ୱିବେଦୀ, ଗାୟକ ଲମ୍ବୋଦର ବେହେରାଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟମାନେ ଉପସ୍ଥିତ ଥିଲେ। ପରିଷଦର ସାଧାରଣ ସମ୍ପାଦକ ବସନ୍ତ ରାଉତ କାର୍ଯ୍ୟ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କଟକ ଅଫିସ,୨।୮:** କଟକ ସଦର ୪୨ ମୌଜା ଟାଇଁକଣା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ପତିଙ୍କ (୮୬) ପରଲୋକ ଘଟିଛି। ସେ ସ୍ଥାନୀୟ ଶଙ୍ଖତ୍ରାସ ହାଇସ୍କୁଲରେ ଦୀର୍ଘ ୩୯ବର୍ଷ ଧରି ଶିକ୍ଷକତା କରିଥିଲେ। ସେ ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ୩ ପୁଅ ଓ ବୋହୂ ଏବଂ ସମସ୍ତ ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଆୟକର ବିଭାଗର ଅବସରପ୍ରାପ୍ତ ମୁଖ୍ୟ ପ୍ରଧାନ ଆୟୁକ୍ତ ଚିତ୍ତରଞ୍ଜନ ପତି ମୁଖାଗ୍ନି ଦେଇଥିଲେ।

# କଟକରେ ପାଳନ ହେବ ଗଣେଶ ପୂଜା

- ମଣ୍ଡପ ନିକଟରେ ଗହଳି ମନା
- କୋଭିଡ୍ କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ

**କଟକ ଅଫିସ,୨।୮**

ଚଳିତବର୍ଷ କଟକ ସହରରେ ନିରାଡ଼ମ୍ବର ଭାବେ ଗଣେଶ ପୂଜା ପାଳନ ହେବ। କୋଭିଡ୍ ଗାଇଡ୍‌ଲାଇନ୍ ମାନି ଗଣେଶ ପୂଜା ପାଳନ ପାଇଁ ସୋମବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ଅନୁମତି ଦେଇଛନ୍ତି। ପୂଜାମଣ୍ଡପ ଓ କ୍ଲବଗୁଡ଼ିକରେ ପୂଜା କରାଯାଇପାରିବ, କିନ୍ତୁ ସେଠାରେ ଅଧିକ ଲୋକ ସମାଗମ ହୋଇପାରିବେ ନାହିଁ। ଖୁବ କମ୍ ଲୋକରେ କୋଭିଡ୍ କଟକଣା ମାନି ପୂଜା କମିଟି ଓ କ୍ଲବଗୁଡିକ ଗଣେଶ ପୂଜା ଆୟୋଜନ କରିବେ। କୋଭିଡ୍ କଟକଣା ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ସମ୍ପ୍ରତି କଟକ ସହରରେ ପ୍ରତିଦିନ ୧୦୦ ମଧ୍ୟରେ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏଭଳି ସ୍ଥିତିରେ ପୂଜା ଆୟୋଜନ ନିଷ୍ପତ୍ତି ଅନେକଙ୍କୁ ଉତ୍ସାହିତ କରିଛି। ମୂର୍ତ୍ତି କାରିଗର, ଟେଣ୍ଟ ବ୍ୟବସାୟୀଙ୍କ ସମେତ ବିଭିନ୍ନ ବର୍ଗର ଲୋକେ କିଛି ଅର୍ଥ ରୋଜଗାର କରିପାରିବେ ବୋଲି ଆଶା ବାନ୍ଧିଛନ୍ତି। ଆସନ୍ତା ସେପ୍ଟେମ୍ବର ୧୦ରେ ଗଣେଶ ପୂଜା। ସେଥିଲାଗି କାରିଗରମାନେ ମୂର୍ତ୍ତି ତିଆରିରେ ଲାଗିପଡ଼ିଛନ୍ତି। ଅନ୍ୟପକ୍ଷରେ କଟକରେ ଗଣେଶ ପୂଜାର ପ୍ରାୟ ଏକ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଉଚ୍ଚ ତୋରଣ ସାଙ୍ଗକୁ ବିରାଟ ମୂର୍ତ୍ତି ପ୍ରସ୍ତୁତ କରାଯାଏ। ଧୁମ୍‌ଧାମ୍‌ରେ ପୂଜା ହୁଏ। ମାତ୍ର କରୋନା କଟକଣା ଯୋଗୁ ଗତବର୍ଷ ଭଳି ଏବର୍ଷ ବି ବିନା ଜାକଜମକରେ ପୂଜା ହେବ।

### ପ୍ରାୟ ୩ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୁଏ



ଗତ ବର୍ଷ ଅନୁମତି ମିଳି ନ ଥିବାରୁ ନିରାଡମ୍ବରରେ ପୂଜା କରିଥିଲୁ । ଚଳିତ ବର୍ଷ ଅନୁମତି ମିଳିଥିଲେ ମଧ କୌଣସି ଜାକଜମକ ହେବନାହିଁ। କାରଣ ୩-୪ ମାସ ପୂର୍ବରୁ ଆମର ପୂଜା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବର୍ତ୍ତମାନ ହାତରେ ବେଶି ସମୟ ନାହିଁ। ତେଣୁ ପୂଜା ପ୍ରସ୍ତୁତି କରିବା ସମ୍ଭବପର ନୁହେଁ।

**ମନୋରଞ୍ଜନ ମହାପାତ୍ର, ସମ୍ପାଦକ, ଇଣ୍ଡିପେଣ୍ଡେନ୍ସ କ୍ଲବ, ନୂଆପଡ଼ା**

### କାରିଗରଙ୍କ ଦୁର୍ଦ୍ଦିନ ଦୂର ହେବ



କରୋନା ଯୋଗୁ ଗତବର୍ଷଠାରୁ ଏପର୍ଯ୍ୟନ୍ତ ଶିଳ୍ପୀମାନେ ଦୁର୍ଦ୍ଦିନରେ ରହିଛନ୍ତି। ଚଳିତବର୍ଷ ଅଧା ସମୟ ସେହିପରି କଟିଗଲା। ମାତ୍ର ମୂର୍ତ୍ତି କାରିଗରଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ତେବେ ଗଣେଶ ପୂଜା ପାଇଁ ଅନୁମତି ମିଳିଥିବାରୁ ଏବେ ମୂର୍ତ୍ତି କାରିଗରମାନେ ଦୁଇ ପଇସା ରୋଜଗାର କରିପାରିବେ। ଯାହାଦ୍ୱାରା କେତେକାଂଶରେ କାରିଗରଙ୍କ ଦୁର୍ଦ୍ଦିନ ଦୂର ହେବ।

**କେଦାରନାଥ ବେହେରା, ସଭାପତି, ଓଡ଼ିଶା ମୃଣ୍ମୟ ଶିଳ୍ପୀ ସଂଘ, କୁମ୍ଭାର ସାହି**

### ପୂଜା ପାଇଁ ଅନୁମତି ମିଳିଥିବାରୁ ଆନନ୍ଦିତ



ପ୍ରଶାସନ ପକ୍ଷରୁ ପୂଜା ପାଇଁ ଅନୁମତି ମିଳିଥିବାରୁ ଆମେ ଆନନ୍ଦିତ। ପ୍ରତିବର୍ଷ ଆମେ ଉଚ୍ଚ ତୋରଣ ପ୍ରସ୍ତୁତ କରୁ। ଯାହାକୁ ଦେଖିବା ପାଇଁ ଲୋକଙ୍କ ଗହଳି ଜମେ। ହେଲେ ଗତବର୍ଷ ପରି ଚଳିତ ବର୍ଷ ମଧ ଏଥିପାଇଁ ଅନୁମତି ନାହିଁ। ତେଣୁ କରୋନା କଟକଣା ମାନି କେବଳ ଗଣେଶ ପୂଜା କରିବୁ ଓ ଭୋଗ ବାଣ୍ଟିବୁ।

**ରଜନୀକାନ୍ତ ସାହୁ, ସଭାପତି, ଦିବ୍ୟଜ୍ୟୋତି କ୍ଲବ, ନୂଆପଡ଼ା**

## ୫-ଟି ନିର୍ଦ୍ଦେଶକୁ ବିଡିଓ ଉଲ୍ଲଂଘନ କରିଥିବା ଅଭିଯୋଗ

**ନିଆଳି,୨।୮(ଡି.ଏନ୍.ଏ.)**

ନିଆଳି ବିଡିଓ ବିଭାଗୀୟ ୫-ଟି ନିର୍ଦ୍ଦେଶକୁ ଉଲ୍ଲଂଘନ କରିଥିବା ନେଇ କଂଗ୍ରେସ ପକ୍ଷରୁ ସୋମବାର ସଚଳା ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ଅଭିଯୋଗ ହୋଇଛି। ଅନଲାଇନ୍‌ରେ ଭତ୍ତା ଆବେଦନକୁ ଅଣଦେଖା କରିବା ଦ୍ୱାରା ବୃଦ୍ଧାବୃଦ୍ଧମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଭତ୍ତା ମଞ୍ଜୁର ସ୍ୱଚ୍ଛତା ଓ ପାରଦର୍ଶିତା ପାଇଁ ଅନଲାଇନ ମାଧମରେ ଭତ୍ତା ମଞ୍ଜୁର କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ପ୍ରଥମେ ୨୪୮୩/୨୬।୨।୨୦ ପରେ ପତ୍ର ସଂଖ୍ୟା ୪୬୧୩/ ୧୨।୬।୨୦ ଓ ପତ୍ର ସଂଖ୍ୟା ୫୪୨୬/ ୧୫।୭।୨୧ ରିଖରେ ନିର୍ଦ୍ଦେଶ ଦିଆଯାଇଛି। ୫-ଟି ନିର୍ଦ୍ଦେଶ ଅନୁଯାୟୀ ଏହି ବ୍ଲକ ୨୩ଟି ପଞ୍ଚାୟତକୁ ବିଭିନ୍ନ ଭତ୍ତା ଯୋଜନା ପାଇଁ ୨୫୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଅନ୍‌ଲାଇନରେ ଆବେଦନ କରିଥିଲେ। ମାତ୍ର ଏହି ନିର୍ଦ୍ଦେଶକୁ ନିଆଳି ବ୍ଲକ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବା କଂଗ୍ରେସ କହିଛି। ଅନ୍ୟପଟେ ଅଫଲାଇନ୍‌ରେ ଭତ୍ତା ଆବେଦନ ପତ୍ରଗୁଡିକୁ ମଞ୍ଜୁର ନିମନ୍ତେ ଉପଜିଲାପାଳଙ୍କ ନିକଟକୁ ସୁପାରିସ କରାଯାଇଛି। ବିଭାଗୀୟ ସଚିବ ନିକଟରେ ଦେଇଥିବା ପତ୍ର ସଂଖ୍ୟା ଅନୁଯାୟୀ ଅନଲାଇନରେ ଆବେଦନ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ମଞ୍ଜୁର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବିଡିଓ ଅନଲାଇନ ବଦଳରେ ଅଫଲାଇନରେ ଆବେଦନ କରିଥିବା ଅଯୋଗ୍ୟ ବ୍ୟକ୍ତିଙ୍କର ତାଲିକାକୁ ସୁପାରିସ କରିଛନ୍ତି। ସଚିବଙ୍କ ଆବେଦନକୁ ବିଡିଓ ନ ମାନିବା ନେଇ କଂଗ୍ରେସ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ଏହାର ଦାବି କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛି। ଏହି ସମ୍ମିଳନୀରେ କଟକ ଜିଲା କଂଗ୍ରେସ କମିଟି ଉପସଭାପତି ଶଶିକାନ୍ତ ଲେଙ୍କା, ସାଧାରଣ ସମ୍ପାଦକ କଟକ ଜିଲା କଂଗ୍ରେସ କମିଟି ଡା. କେଦାର ନାଥ ସାହୁ, ମଲ୍ଲିକ୍ ଇସ୍ମାଇଲ୍, ବାଦଲ ସେନାପତି, ଇଲୁ ନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏ ନେଇ ବିଡିଓ ଅଶୋକ ଲେଙ୍କାଙ୍କୁ ପଚାରିବାରେ ଅଭିଯୋଗ କଥାକୁ ଏଡ଼ାଇବା ସହ ଅନଲାଇନରେ ଆବେଦନ କରିଥିବା ସମସ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।



ସରକାରୀ ଚାକିରିରେ ନିଯୁକ୍ତିର ଆବେଦନ ବୟସସୀମା ୪୨ ବର୍ଷକୁ ବୃଦ୍ଧି ନିମନ୍ତେ କଟକ ନଗର (ଜିଲା) ଯୁବ କଂଗ୍ରେସ କମିଟି ପକ୍ଷରୁ ଦାବି କରି ସୋମବାର ଜିଲାପାଳଙ୍କ ନିକଟକୁ ଦାବିପତ୍ର ଦେବାକୁ ଆସିଥିବା କର୍ମକର୍ତ୍ତାମାନେ।

### ସାହସିକତା ପାଇଁ ଅଟୋ ଡ୍ରାଇଭରଙ୍କୁ ପୁରସ୍କୃତ କଲେ ସିପି

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ଜଣେ ଯାତ୍ରୀଙ୍କଠାରୁ ଭ୍ୟାନିଟ୍ ଝାମ୍ପି ନେଇ ପଳାଇଥିବା ଜଣେ ଲୁଟେରାକୁ କାବୁକରି ଜଣେ ଅଟୋ ଡ୍ରାଇଭର ସାହସିକତା ଦେଖାଇଛନ୍ତି। ଏଥିପଇଁ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଏହି ସାହସୀ ଅଟୋ ଡ୍ରାଇଭର ଶ୍ରୀକାନ୍ତ ସାହୁଙ୍କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିସିପି ଡ. ଉମାଶଙ୍କର ଦାଶ ପୁରସ୍କୃତ କରିଛନ୍ତି। ତାଙ୍କୁ ପ୍ରଶଂସା କରିବା ସହ ପୁରସ୍କାର ବାବଦକୁ ୧୫୦୦ ଟଙ୍କା ପ୍ରଦାନ କରିଛନ୍ତି। ରବିବାର ତମାଣ୍ଡୋ ଥାନା ପାତ୍ରପଡାରୁ ଶ୍ରୀକାନ୍ତ ଜଣେ ମହିଳାଙ୍କ ସହ ତାଙ୍କ ବୃଦ୍ଧ ବାପାଙ୍କୁ ଅଟୋରେ ଆଣି ଭିଏସ୍‌ଏସ୍‌ନଗର ବାଣୀବିହାର କ୍ୟାମ୍ପସ ନିକଟରେ ଛାଡୁଥିଲେ। ଏହି ସମୟରେ ଦୁଇଜଣ ଲୁଟେରା ବାଇକରେ ଆସି ପଛରେ ବସିଥିବା ମହିଳାଙ୍କଠାର ଭ୍ୟାନିଟ ଝାମ୍ପି ନେଇଥିଲେ। ଏହାଦେଖି ଶ୍ରୀକାନ୍ତ ଗାଡି ଅଟକାଇ ସମ୍ପୃକ୍ତ ଜଣେ ଲୁଟେରାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ହେଲେ ଅନ୍ୟଜଣେ ଯୁବକ ଖସି ପଳାଇଥିଲେ।

### ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ତିଗିରିଆ,୨।୮(ଡି.ଏନ୍.ଏ.)**

ତିଗିରିଆ ବ୍ଲକ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱବିକାଶ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ନାଉପୁଟ ପଞ୍ଚାୟତର ବଉଳାଙ୍ଗ ବାତ୍ୟା ଆଶ୍ରୟସ୍ଥଳ ଓ ନୂଆପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ପରିଦର୍ଶକ ତ୍ରିଲୋଚନ ବାରିକ ଏଥିରେ ସଂଯୋଜନା କରିଥିଲେ। ବାତ୍ୟା ଆଶ୍ରୟସ୍ଥଳରେ ସରପଞ୍ଚ ସସ୍ମିତା ରାଉତ ସଭାପତିତ୍ୱ କରିଥିଲେ। ଏଠାରେ ସ୍ୱାସ୍ଥ୍ୟ ପରିଦର୍ଶକ ବାରିକ ଯୋଗଦେଇ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପ୍ରସୂତି, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ୱାର୍ଡ ସଭ୍ୟ ଓ ଗାଁ କଲ୍ୟାଣ ସମିତି ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱଜିତ୍





@ କାର୍ତ୍ତିକ



@ ସୁପ୍ରଭା



@ ସୌଭାଗ୍ୟ



@ ମନ୍ମଥ



@ ମହିମା

## ଜୁଲାଇରେ କୋଟିଏ ଟଙ୍କାର ସାଇବର ଠକେଇ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ସାଇବର ଠକେଇ ବଢ଼ି ଚାଲିଛି। ଠକେଇ ରୋକିବାକୁ ଓଡ଼ିଶା ପୋଲିସ ପକ୍ଷରୁ ସାଇବର ସେଲ ସହ ସ୍ୱତନ୍ତ୍ର ଟିମ୍ କାର୍ଯ୍ୟ କରୁଥିଲେ ମଧ କିଛି ସୁଫଳ ମିଳୁନି। ସୋମବାର ଭୁବନେଶ୍ୱର ସାଇବର ସେଲ୍‌ର ରିପୋର୍ଟରୁ ଏହା ପ୍ରମାଣିତ ହେଉଛି। କେବଳ ଜୁଲାଇରେ ସାଇବର ଠକମାନେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲାରୁ ୧କୋଟି ୧୦ଲକ୍ଷ ୮୫ହଜାର ୬୫୪ଟଙ୍କା ଲୁଟି ନେଇଛନ୍ତି। ଏଥିମଧ୍ୟରୁ କେବଳ ଭୁବନେଶ୍ୱରରୁ ୫୫ଲକ୍ଷ ୫୯ହଜାର ଟଙ୍କା ଠକେଇ ହୋଇଛି। ଅନ୍ୟପକ୍ଷେ ଜୁନ୍‌ରେ ରାଜଧାନୀରୁ ୫୩ଲକ୍ଷ ୨୯ହଜାର ଟଙ୍କା ଠକେଇ ହୋଇଥିବାନେଇ ସାଇବର ଡେସ୍କକୁ କଲ୍ ଆସିଥିବା ସୂଚନା ଦିଆଯାଇଛି।

ଉକ୍ତ ରିପୋର୍ଟ ଅନୁଯାୟୀ, ଜୁଲାଇରେ ଠକେଇ ସଂକ୍ରାନ୍ତ ମୋଟ ୩୭୦ କଲ୍ ସାଇବର ହେଲ୍ପ ଡେସ୍କକୁ ଆସିଛି। ସେଥିମଧ୍ୟରେ ଭୁବନେଶ୍ୱରରୁ ୨୩୦ କଲ୍ ରହିଛି। ୟୁପିଆଇ ମାଧମରେ ସାଇବର ଅପରାଧୀମାନେ ସର୍ବାଧିକ ଠକେଇ କରିଥିବାବେଳେ ଭୁବନେଶ୍ୱରରୁ ୧୧୦ ଜଣ ଲକ୍ଷ ଲକ୍ଷ ଟଙ୍କା ହରାଇଛନ୍ତି। ସେହିପରି କ୍ରେଡ଼ିଟ,ଡେବିଟ କାର୍ଡ଼ ମାଧମରେ ୭୬ ଓ ଅନ୍ୟାନ୍ୟ ଉପହାର ପ୍ରଲୋଭନ ଦେଖାଇ ୪୪ ଜଣଙ୍କୁ ଠକିଛନ୍ତି। ଏ ନେଇ ସାଇବର ସେଲ୍‌ରେ ୧୫ଟି ମାମଲା ପଞ୍ଜୀକୃତ କରାଯାଇଛି। ସାଇବର ସେଲ୍ ହେଲ୍ପ ଡେସ୍କ ସାଇବର ଠକଙ୍କ ୬୭ଟି ନମ୍ବର ବ୍ଲକ୍ କରିଛି। ଅନ୍ୟପକ୍ଷ ପୋଲିସ ସାଇବର ଅପରାଧୀଙ୍କ ଆକାଉଣ୍ଟରୁ ୮ ଲକ୍ଷ ୫୬ ହଜାର ୫୫୦ ଟଙ୍କା ଫେରାଇ ଆଣିବାରେ ସକ୍ଷମ ହୋଇଥିବାବେଳେ ଜୁନ୍‌ରେ ୧୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଫେରାଇ ଅଣାଯାଇଥିଲା।

## ଜରି ଗୋଟାଇବା ବାହାନାରେ ଚୋରି

### ୩ ମହିଳାଙ୍କ ସହ ୪ ଗିରଫ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ରାସ୍ତାରେ ବୁଲି ବୁଲି ଜରି ଗୋଟାଉଥିଲେ। ହେଲେ ସୁଯୋଗ ଦେଖି ଘର ଝରକା ଫାଙ୍କରୁ ମୋବାଇଲ ଓ ଅନ୍ୟାନ୍ୟ ଜିନିଷପତ୍ର ଚୋରି କରୁଥିଲେ। ଏଭଳି ଏକ ଗ୍ୟାଙ୍ଗକୁ ନୟାପଲ୍ଲୀ ଥାନା ପୋଲିସ ଧରିବା ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳର ଉପାବତୀ ସବର(୪୦)ଓ ହିମାଂଶୁ ସବର (୨୫) ଓ କଟକ ଜିଲା ଜଗତପୁର ଥାନା ଅଞ୍ଚଳର କୁନ୍ତି ମୋଦି ଓ ପୁଷ୍ପା ମୋଦି (୨୧)। ଏମାନଙ୍କଠୁ ୫ ଚୋରି ମୋବାଇଲ ଫୋନ୍ ଜବତ ହୋଇଛି। ସୋମବାର ଅଭିଯୁକ୍ତମାନେ ସ୍ଥାନୀୟ ଥାନା ପାଇକ ନଗରରେ ରହୁଥିବା ଗଣେଷ ସାହ ଓ ଆଇଆରସି ଭିଲେଜର ରମାକାନ୍ତ ବେହେରାଙ୍କ ଘର ଝରକା ବାଟେ ମୋବାଇଲ ଫୋନ୍ ଚୋରି କରିଥିଲେ। ଅଭିଯୋଗ ପରେ ପୋଲିସ ଦୁଇଟି ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ସେମାନଙ୍କୁ ଚିହ୍ନଟ କରିଥିଲା।

## ହାଇକୋର୍ଟ ପ୍ରୋସିଡିଂ ସିଧା ପ୍ରସାରଣକୁ ବିରୋଧ

### ୪ ଯାଏ ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ଆଇନଜୀବୀଙ୍କ ବର୍ଜନ

**କଟକ ଅଫିସ,୨।୮**

ହାଇକୋର୍ଟଙ୍କ ବିଭିନ୍ନ ପ୍ରୋସିଡିଂର ସିଧା ପ୍ରସାରଣ (ଲାଇଭ୍ ଷ୍ଟ୍ରିମିଂ)କୁ ହାଇକୋର୍ଟ ବାର୍ ଆସୋସିଏଶନ ବିରୋଧ କରିଛି। ଏନେଇ ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ଆଇନଜୀବୀଙ୍କ ପକ୍ଷରୁ ବର୍ଜନ କରାଯାଇଛି। ଆସନ୍ତା ୪ତାରିଖ ସାଧାରଣ ପରିଷଦ ବୈଠକ ବସି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଛି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ସୋମବାର ସାଧାରଣ ପରିଷଦ ବୈଠକ ବସି ପ୍ରୋସିଡିଂର ସିଧା ପ୍ରସାରଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପ୍ରତିବାଦରେ ସଦସ୍ୟମାନେ ଅଗଷ୍ଟ ୨ରୁ ୪ତାରିଖ ପର୍ଯ୍ୟନ୍ତ ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ବର୍ଜନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। କୋର୍ଟ ପ୍ରୋସିଡିଂ ରୁଲ୍ ୨୦୨୧ର ସିଧା ପ୍ରସାରଣକୁ ପ୍ରତ୍ୟାହାର କରିନେବାକୁ ପତ୍ର ମାଧମରେ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଛି। ସୋମବାର ବୈଠକରେ ସଂଘର ଉପସଭାପତି ଦେବୀପ୍ରସାଦ ଦାଶ, ସମ୍ପାଦକ ଜେ. କେ. ଲେଙ୍କା ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨୮ରେ ହାଇକୋର୍ଟଙ୍କ ବିଭିନ୍ନ ପ୍ରୋସିଡିଂର ଲାଇଭ ଷ୍ଟ୍ରିମିଂ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ପରଦିନ ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ଏହି ବିଜ୍ଞପ୍ତିକୁ ବିରୋଧ କରାଯାଇ ମୁଖ୍ୟ ବିଚାରପତିଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ପ୍ରୋସିଡିଂର ସିଧା ପ୍ରସାରଣ କରାଯିବା ନିଷ୍ପତ୍ତି ତରବରିଆ ଭାବେ ନିଆଯାଇଛି। ଏଭଳି ନିଷ୍ପତ୍ତି ଦ୍ୱାରା ଉଭୟ ବିଚାରପତି ଓ ଆଇନଜୀବୀଙ୍କ ଉପରେ ଖରାପ ପ୍ରଭାବ ପଡ଼ିବ। ଏହି ନିଷ୍ପତ୍ତି ପୂର୍ବରୁ ହାଇକୋର୍ଟ ବାର୍ ସଦସ୍ୟମାନଙ୍କ ମତାମତ ନେବାର ଥିଲା। ଏଥିପାଇଁ ଉଚ୍ଚ ଡାଟା ସମ୍ପନ୍ନ ସୁରକ୍ଷା ଓ ଗୋପନୀୟତାର ଆବଶ୍ୟକତା ରହିଛି। ଉନ୍ନତ ଭିତ୍ତିଭୂମି ଓ ହାଇସ୍ପିଡ୍ ଇଣ୍ଟରନେଟ ବିନା ଏହା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ କୋର୍ଟ ତୃତୀୟ ପକ୍ଷ ଦ୍ୱାରା ପରିଚାଳିତ ହେଉଥିବା ସଫ୍ଟୱେର ଉପରେ ନିର୍ଭର କରି ଲାଇଭ୍ ଷ୍ଟ୍ରିମ୍ ଚଳାଇବା ସହଜ ହେବ ନାହିଁ। ଗ୍ରାମାଞ୍ଚଳରେ ମହକିଲଙ୍କୁ ଏ ନେଇ ସମସ୍ୟା ଉପୁଜିପାରେ। ସାଇବର ଅପରାଧ ଅଦାଲତଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଥିଲା।

## ତହସିଲଦାର-ବିଡିଓଙ୍କ ବୟାନରେ ତାଳମେଳ ରହୁନି

### ଗୋଚର ଜମିରେ ପକ୍କାଗୃହ ନିର୍ମାଣ

**କଟକ ସଦର, ୨।୮(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ଗୋଚର, ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ ବହୁସଂଖ୍ୟକ ପକ୍କାଘର, ପାଣିଟାଙ୍କି ଓ ଚିତ୍ତବିନୋଦନ କେନ୍ଦ୍ର ନିର୍ମାଣ ଚାଲିଛି। ଫଳରେ ଗୋଚାରଣ ପାଇଁ ଆଉ ଜାଗା ମିଳିବ ନାହିଁ। ଏଭଳି ଢଙ୍ଗରେ ଗୋଚର ଜମିକୁ କଟକ ସଦର ବ୍ଲକ ପ୍ରଶାସନ କବ୍‌ଜା କରିବା ବେଆଇନ ବୋଲି ବିଶ୍ୱ ଗୋସୁରକ୍ଷା ବାହିନୀର ଓଡ଼ିଶା ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ ଚନ୍ଦ୍ର ପଣ୍ଡା କହିଛନ୍ତି। ଏହାଦ୍ୱାରା ଗୋପାଳନ କରି ଜୀବିକା ନିର୍ବାହ କରୁଥିବା ଲକ୍ଷାଧିକ ଚାଷୀ ମର୍ମାହତ ବୋଲି ପଣ୍ଡା ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ଏ ନେଇ ବିଶ୍ୱ ଗୋସୁରକ୍ଷା ବାହିନୀ ପକ୍ଷରୁ କଟକ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସରକାରୀ ଜମିରେ ସ୍ଥାୟୀ ନିର୍ମାଣ କରିବା ପୂର୍ବରୁ ସ୍ଥାନୀୟ ରାଜସ୍ୱ ଅଧିକାରୀ ଅର୍ଥାତ୍ ତହସିଲଦାରଙ୍କ ଠାରୁ ଅନୁମତି ଲୋଡାଯାଉଥିବା କଥା ବୋଲି କଟକ ସଦର ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି। ମାତ୍ର ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ-୧୯୮୩ରେ ଜିଲାପାଳ ଓ ରାଜସ୍ୱ ଆୟୁକ୍ତ ସ୍ତରୀୟ ଅଧିକାରୀମାନେ ସରକାରୀ ଜମିରେ କୌଣସି ନିର୍ମାଣ ପାଇଁ ଅନୁମତି ଦେବା କ୍ଷମତା ପାଇଛନ୍ତି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅନୁଶାସନ ସଚିବଙ୍କ ପତ୍ରସଂଖ୍ୟା ୩୯୪୦୩/୧୫।୧୨।୨୦୧୬ରେ ସୂଚନା ଦିଆଯାଇଛି। କଟକ ସଦର ବିଡିଓ ପରିଡାଙ୍କ କହିବାନୁଯାୟୀ ତହସିଲଦାର, ଆରଆଇଙ୍କୁ ଜଣାଇ ନିର୍ମାଣ କାର୍ଯ୍ୟ କରାଯାଉଛି। ଏ ସମ୍ପର୍କିତ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍(ଏନ୍‌ଓସି)ର କପି ବ୍ଲକ କାର୍ଯ୍ୟାଳୟରେ ମହଜୁଦ୍ ରହିଛି। ଏହାଛଡା ସରକାରୀ ଜାଗାରେ ସରକାରୀ ଘର ହେଉଛି, ଏଥିରେ କେହି ଆପତ୍ତି କରିପାରିବେ ନାହିଁ ବୋଲି ବିଡିଓ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏ ନେଇ କଟକ ସଦର ତହସିଲଦାର ସସ୍ମିତ ଗଡ଼ନାୟକ ଓ କିଶନ ନଗର ତହସିଲଦାର ସୁଚେତା ମହାପାତ୍ର କହିଛନ୍ତି, ଗୋଚର ଏବଂ ଜଙ୍ଗଲ କିସମ ଜମିରେ ନିର୍ମାଣ ପାଇଁ କାହାରିକୁ ଅନୁମତି ଦିଆଯାଇ ନାହିଁ। ଏହାକୁ ନେଇ ତହସିଲଦାର ଓ ବିଡିଓଙ୍କ ମଧାରେ ତାଳମେଳ ରହୁନାହିଁ। ଅନ୍ୟପକ୍ଷରେ ବିଶ୍ୱ ଗୋସୁରକ୍ଷା ବାହିନୀର ଦାବିପତ୍ର ଉପରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଦ୍ୟାବଧି କୌଣସି ତଦନ୍ତ ଆଦେଶ ଦେଇନାହାନ୍ତି। ବର୍ତ୍ତମାନ ବେଣ୍ଟକାର, ବାରଦା, ଯଶପଡା, ଧରିଣା, ଅରିଲୋ, କଳପଡା ଓ ଝାରକଟା ପଞ୍ଚାୟତର ଏହି କିସମ ଜମିରେ ସ୍ଥାୟୀ ନିର୍ମାଣ ଚାଲିଛି। ପ୍ରକୃତପକ୍ଷେ ସରକାରୀ ଜମିକୁ ମନଇଚ୍ଛା ଦଖଲ କରିବା କ୍ଷମତା ବିଡିଓଙ୍କର ରହିଛି କି ନାହିଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ତାହା ସ୍ପଷ୍ଟ କରିବା ପାଇଁ ସାଧାରଣରେ ଦାବି ହେଉଛି।

**ବଦଳିବ ମହତାବ ରୋଡ଼ର ରୂପରେଖ**

**ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.):** ପୁରୁଣା ଭୁବନେଶ୍ୱରର ପୁନାମା ଗେଟ୍-କେଉଟ ସାହି (ମହତାବ ରୋଡ) ରାସ୍ତାର ରୂପରେଖ ବଦଳିବ। ସୋମବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ରାସ୍ତା ନବୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ଏକ କିଲୋମିଟର ପାଇଁ ୬୬ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ରାସ୍ତା ୱାର୍ଡ ନଂ. ୬୦, ୬୧ ଏବଂ ୫୪ର ମୁଖ୍ୟ ରାସ୍ତା ହୋଇଥିବାରୁ ଫେବର୍ ବ୍ଲକ ଦ୍ୱାରା ନିର୍ମାଣ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ରାଓ କହିଛନ୍ତି। ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥ, ଅନିତା ରାଣୀ ମହାନ୍ତି, ପୂର୍ବତନ ପ୍ରଶାସକ କୃଷ୍ଣଚନ୍ଦ୍ର ବଡୁ, ଦାଶରଥି ଗରାବଡୁ, ଚନ୍ଦ୍ରଶେଖର ମଲ୍ଲିଆ, ଜିତେନ୍ଦ୍ର ନନ୍ଦ, ଦିବ୍ୟରଞ୍ଜନ ବେହେରା, ଶିବପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ଖୋଲିଲା

**ଭୁବନେଶ୍ୱର, ୨।୮ (ବ୍ୟୁରୋ) :** ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'କୁ ସୋମବାରଠାରୁ ଦର୍ଶକଙ୍କ ନିମନ୍ତେ ଖୋଲାଯାଇଛି। ସରକାରଙ୍କ ଅନୁମୋଦିତ କୋଭିଡ୍ ନିର୍ଦ୍ଦେଶାବଳୀ ପାଳନ ପୂର୍ବକ ଏହି ସଂଗ୍ରହାଳୟ ଖୋଲା ରହିବ। କ୍ୟାମ୍ପସ୍‌ରେ ଥର୍ମାଲ ସ୍କାନିଂ, ହ୍ୟାଣ୍ଡ ସାନିଟାଇଜର ଉପଲବ୍ଧ ରହିଥିବାବେଳେ ସାମାଜିକ ଦୂରତ୍ୱକୁ ସୁନିଶ୍ଚିତ କରିବା ପାଇଁ ସଂଗ୍ରହାଳୟ ପରିସରକୁ ୬ଫୁଟ ବ୍ୟବଧାନରେ ଚିହ୍ନିତ କରାଯାଇଛି। ସଂଗ୍ରହାଳୟ ସମସ୍ତ କର୍ମଚାରୀ ଓ କର୍ତ୍ତୃପକ୍ଷଙ୍କ ସହିତ ସଂକ୍ଷିପ୍ତ ଅଧିବେଶନ କରାଯାଇ ଭ୍ରମଣକାରୀଙ୍କୁ କିପରି ସୁରକ୍ଷିତ ଭାବେ ବୁଲି ଦେଖିବା ସୁନିଶ୍ଚିତ କରାଯାଇ ପାରିବ ସେ ସଂପର୍କରେ ଅବଗତ କରାଯାଇଛି। ପୂର୍ବପରି ସ୍ମରଣିକା ବିକ୍ରୟ କେନ୍ଦ୍ର ପର୍ଯ୍ୟଟକଙ୍କ ନିମନ୍ତେ ଖୋଲା ରହିବ ବୋଲି ସୂଚନା ଦିଆଯାଇଛି।

### ୫ ଡିଏସ୍‌ପିଙ୍କ ବଦଳି

**ଭୁବନେଶ୍ୱର,୨।୮(ବ୍ୟୁରୋ):** ଓଡ଼ିଶା ପୋଲିସର ୫ଜଣ ଡିଏସ୍‌ପିଙ୍କୁ ବଦଳି କରାଯାଇଛି। ସୋମବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମୟୂରଭଞ୍ଜ ଡିଏସ୍‌ପି ଥିବା ପଦାରବିନ୍ଦ ତ୍ରିପାଠୀଙ୍କୁ ବାଲେଶ୍ୱର ସଦର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ସେହିଭଳି ପୁରୀ ଜିଲା ପିସିଆର୍ ସେଲ୍‌ର ଡିଏସ୍‌ପି ରତିକାନ୍ତ ଗିତିଙ୍କୁ ରାଇରଙ୍ଗପୁର ଏସ୍‌ଡିପିଓ, ଚିତ୍ରକୋଣ୍ଡା ଏସ୍‌ଡିପିଓ ସୁନାରାମ ହେମ୍ବ୍ରମଙ୍କୁ ଭବାନିପାଟଣା ସଦର, ମାଲକାନଗିରି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କୁ ଚିତ୍ରକୋଣ୍ଡା ଏସ୍‌ଡିପିଓ ଏବଂ ରାଇରଙ୍ଗପୁର ଏସ୍‌ଡିପିଓ ଗାୟତ୍ରୀ ପ୍ରଧାନଙ୍କୁ ବାଲେଶ୍ୱର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଭାବେ ବଦଳି କରାଯାଇଛି।

### ଦିବ୍ୟାଙ୍ଗ ପିଲା ଚିହ୍ନଟ ପାଇଁ ତାଲିମ ଶିବିର

**କଟକ ଅଫିସ,୨।୮:** କଟକ ଜିଲାରେ ଦିବ୍ୟାଙ୍ଗ ପିଲାଙ୍କ ସର୍ଭେ ନିମନ୍ତେ ଜିଲାସ୍ତରୀୟ ତାଲିମ ଶିବିର ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଉକ୍ତ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶୂନ୍ୟରୁ ୬ ବର୍ଷ ମଧ୍ୟରେ ଦିବ୍ୟାଙ୍ଗମାନଙ୍କୁ ୫ଟି ଆଧାରରେ ଚିହ୍ନଟ କରାଯିବ ବୋଲି ଜିଲାପାଳ କହିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟକ୍ରମରେ ଶୂନ୍ୟରୁ ୬ ବର୍ଷ ମଧ୍ୟରେ ୨୧ପ୍ରକାର ଦିବ୍ୟାଙ୍ଗ ଏବଂ ୭ଟି ବିଭାଗରେ ଚିହ୍ନଟ କରାଯିବ। ଚଳିତ ମାସ ୧୫ରୁ ୩୦ ତାରିଖ ମଧ୍ୟରେ ଅଙ୍ଗନୱାଡି କର୍ମୀମାନଙ୍କୁ ତାଲିମ ପ୍ରଦାନ କରାଯାଇ ସର୍ଭେ କାର୍ଯ୍ୟକୁ ୨ ମାସ ମଧ୍ୟରେ ଶେଷ କରାଯିବ। ଏଥିସହ ସେପ୍ଟେମ୍ବର ୩୦ ସୁଦ୍ଧା ଜିଲାର ଚୂଡ଼ାନ୍ତ ସର୍ଭେ ତାଲିକା ପ୍ରଦାନ କରାଯିବ। ଶିବିରରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପୃଥକ୍ ସଡ଼କ ଦୁର୍ଘଟଣା, ୨ ଗୁରୁତର

**ବାଲିଅନ୍ତା,୨।୮(ଡି.ଏନ.ଏ):** ହଁସପାଳ-ବନମାଳିପୁର ପୂର୍ତ୍ତ ବିଭାଗ ରାସ୍ତାରେ ବାଲିଅନ୍ତା ଓ ରାମଚନ୍ଦ୍ରପୁର କାଜ ନିକଟରେ ସୋମବାର ୨ଟି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଲିଅନ୍ତାସ୍ଥିତ ନେହେରୁ କଲେଜ ସମ୍ମୁଖରେ ପୂର୍ବାହ୍ନ ୧୦ଟାରେ ଜଣେ ବାଇକ୍ ଚାଳକ ଅନ୍ୟ ଏକ କାର୍‌ରେ ପିଟିହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କର ପରିଚୟ ମିଳିପାରି ନାହିଁ। ସେହିପରି ମଧ୍ୟାହ୍ନରେ ରାମଚନ୍ଦ୍ରପୁର କାଜ ନିକଟ ଟର୍ନିଂ ପଏଣ୍ଟରେ ଏକ ବୋଲେରୋ ସହ ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆଗଚକ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଏଥିରେ ଥିବା ବାଇକ୍ ଚାଳକ ଓ ଅନ୍ୟଜଣେ ମହିଳା ଗୁରୁତର ହୋଇଥିଲେ। ଖବରପାଇ ବାଲିଅନ୍ତା ଥାନାର ଏସ୍‌ଆଇ ରାକେଶ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ୍ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବୋଲେରୋକୁ ଜବତ କରିଛି। ବୋଲେରୋ ଡ୍ରାଇଭର ଘଟଣାସ୍ଥଳରୁ ଖସି ପଳାଇଥିଲେ। ଏସ୍‌ଆଇ ଗୁରୁତରଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି।




ଭୁବନେଶ୍ୱର କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ଗ୍ରାହକମାନେ ପୋଷାକ କିଣୁଛନ୍ତି।




ସତ୍ୟନଗର ବିଗ୍‌ବଜାରରେ ଗ୍ରାହକମାନଙ୍କୁ ସ୍କ୍ରିନିଂ ସହ ଡବଲଡୋଜ୍ ଟିକାର ପ୍ରମାଣପତ୍ର ଦେଖି ଭିତରକୁ ଛଡାଯାଉଛି।

# କଟକଣାରେ ଖୋଲିଲା

**ଭୁବନେଶ୍ୱର, ୨।୮ (ବ୍ୟୁରୋ)**

ଦୀର୍ଘ ୩ ମାସର କରୋନା କଟକଣା ପରେ ସୋମବାର ରାଜଧାନୀରେ ଶପିଂ ମଲ, ପାର୍କ ଓ ରେଷ୍ଟୁରାଣ୍ଟ ଖୋଲିଛି। ପ୍ରଥମ ଦିନରେ ସହରରେ ନୂଆ ଚିତ୍ର ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ସହରବାସୀ ପାର୍କ ମୁହାଁ ହୋଇଥିଲେ। ଦୀର୍ଘଦିନ ଧରି ପାର୍କ ବନ୍ଦ ଥିବାରୁ ଲୋକମାନେ ପ୍ରାତଃ ଭ୍ରମଣ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତାରେ ପ୍ରାତଃଭ୍ରମଣ ବେଳେ ସତର୍କତାର ସହ ଯିବାଆସିବା କରିବାକୁ ପଡୁଥିଲା। ଏବେ ପାର୍କ ଖୋଲିଥିବାରୁ ସେମାନେ ଏହାର ସୁଯୋଗ ହାତଛଡ଼ା କରିବାକୁ ଚାହିଁ ନ ଥିଲେ। ମାସ୍କ ପିନ୍ଧି ଲୋକମାନେ ବିଭିନ୍ନ ପାର୍କରେ ପ୍ରାତଃ ଭ୍ରମଣ ସହ ଯୋଗ ଓ ମୁକ୍ତାକାଶ ଜିମ୍‌ର ସୁବିଧା ନେଇଥିଲେ। ସେହିଭଳି ମଲ୍‌ରେ ଆରମ୍ଭରୁ ସେତେଟା ଭିଡ ଦେଖିବାକୁ ମିଳି ନ ଥିଲେ ମଧ୍ୟ ରାଜଧାନୀ ରାସ୍ତାରେ ଗାଡିମୋଟର ସଂଖ୍ୟା ବଢ଼ିଯାଇଥିଲା। ତେବେ କରୋନା ଗାଇଡ୍‌ଲାଇନକୁ ଅନୁପାଳନ ପୂର୍ବକ ମଲ୍ କର୍ତ୍ତୃପକ୍ଷ ବେଶ୍ ସଚେତନ ଥିବା ଦେଖାଯାଇଥିଲା। ମଲ୍ ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ କରାଯିବା ସହ ସମସ୍ତଙ୍କୁ ହାତ ସାନିଟାଇଜ୍ କରିବାକୁ କୁହାଯାଇଥିଲା। ମୁହଁରେ ମାସ୍କ ଲଗାଇବା ସହ ମଲ୍ ଭିତରକୁ ଯାଉଥିବା ସମସ୍ତ ବ୍ୟକ୍ତିଙ୍କୁ ଟିକାର ଡବଲ୍ ଡୋଜ୍ ସାର୍ଟିଫିକେଟ ଦେଖାଇବା ବାଧ୍ୟତାମୂଳକ ଥିଲା। ସେହିପରି ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ ରେଷ୍ଟୁରାଣ୍ଟ ଖୋଲିବାକୁ ଅନୁମତି ମିଳିଥିବାରୁ ମାଲିକମାନେ ମଧ୍ୟ ସେପରି ଆୟୋଜନ କରିଥିଲେ। ପୂର୍ବରୁ କେବଳ ପାର୍ସଲ ନେବାକୁ ନିର୍ଦ୍ଦେଶ ରହିଥିଲା। ଏବେ ଅନୁମତି ମିଳିବା ପରେ ଗ୍ରାହକମାନେ ରେଷ୍ଟୁରାଣ୍ଟରେ ବସି ଖାଇବାର ମଜା ଉଠାଇ ଥିଲେ। ରାସ୍ତାକଡରେ ଉଠାଦୋକାନୀମାନେ ବ୍ୟବହାର ଆରମ୍ଭ କରିଥିବାବେଳେ ଗ୍ରାହକମାନେ ଠିଆ ହୋଇ ଖିଆପିଆ କରିବାର ପୁରୁଣା ଅନୁଭୂତିକୁ ସାଉଣ୍ଟିଥିଲେ।

ତେବେ ବ୍ୟବସାୟ ସହିତ ଶପିଂ ମଲ୍‌ଗୁଡିକ ସରକାରଙ୍କ ଏସଓପି ଠିକ୍ ଭାବେ ପାଳନ କରୁଛନ୍ତି କି ନାହିଁ ସେ ନେଇ ବିଏମ୍‌ସି ପକ୍ଷରୁ ନଜର ରଖାଯିବ। ନିୟମ ଅନୁଯାୟୀ ପ୍ରାପ୍ତ ବୟସ୍କଙ୍କ ପାଇଁ ଟିକାକରଣ ପ୍ରମାଣପତ୍ର, ମାସ୍କ, ସାମାଜିକ ଦୂରତା ଆଦିକୁ ମଲ୍ କର୍ତ୍ତୃପକ୍ଷ କେତେଦୂର ପାଳନ କରୁଛନ୍ତି ତାହାର ତଦାରଖ କରିବା ପାଇଁ ବିଏମ୍‌ସି ପକ୍ଷରୁ ଆବଶ୍ୟକ ସ୍ଥଳେ ଚେକିଂ କରାଯିବ ବୋଲି ସୂଚନା ଦିଆଯାଇଛି।



ଭୁବନେଶ୍ୱର ଫରେଷ୍ଟ ପାର୍କ ଓ ଆଇଜି ପାର୍କ ଚଳଚଞ୍ଚଳ।




ଦୀର୍ଘଦିନ ପରେ ମଲ୍ ଭିତରେ ଖୋଲିଥିବା ଶୋ'ରୁମ୍।



କଟକ ଦୋଳମୁଣ୍ଡାଇ ଚନ୍ଦନପଡ଼ିଆରେ ଆଳୁଦମ୍ ଦହିବରାର ମଜା ନେଉଛନ୍ତି ଗ୍ରାହକ।

## ବ୍ଲକ କାର୍ଯ୍ୟାଳୟରେ ଭାଜପା-ବିଜେଡି କର୍ମୀ ମୁହାଁମୁହିଁ

**ସାଲେପୁର, ୨।୮(ଡି.ଏନ୍.ଏ.)**

ପୂର୍ବ ଘଟଣାକୁ କେନ୍ଦ୍ର କରି ସାଲେପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ସାଲେପୁର ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କଲାପରେ ବ୍ଲକ ପରିସରକୁ ଖାଲି କରିଦିଆଯାଇଛି। ସାଲେପୁର ବ୍ଲକ ଅଧ୍ୟକ୍ଷ ଭାଜପା ସମର୍ଥିତ ହୋଇଥିବାବେଳେ ଉପାଧ୍ୟକ୍ଷ ବିଜେଡି ସମର୍ଥିତ ଅଟନ୍ତି। ଏଣୁ ଅଧିକାଂଶ ସମୟରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଉଭୟ ଦଳ ସମର୍ଥକଙ୍କ ମଧ୍ୟରେ ବାଦ ବିବାଦ ଲାଗି ରହିଥାଏ। ଜୁଲାଇ ୩୦ରେ କୌଣସି କାରଣରୁ ସାଲେପୁର ବ୍ଲକ୍ ବିଜେଡି ମିଡ଼ିଆ ସେଲ୍‌ର ସଂଯୋଜକ ରାଜେଶ ମହାନ୍ତିଙ୍କୁ ଭାଜପା ସମର୍ଥିତ ମୁତାରିଫା ପଞ୍ଚାୟତ ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର ଓ ତାଙ୍କ ସହଯୋଗୀ ମରଣାନ୍ତକ ଆକ୍ରମଣ କରିଥିଲେ। ଜୁଲାଇ ୩୧ରେ ରାଜେଶ ମହାନ୍ତି ଓ ତାଙ୍କର କେତେଜଣ ସହଯୋଗୀ ମୁତାରିଫା ପଞ୍ଚାୟତର କ୍ଷିତୀଶ ରଞ୍ଜନ ସ୍ୱାଇଁଙ୍କୁ ଆକ୍ରମଣ କରିଥିଲେ। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ସୋମବାର ମଧ୍ୟାହ୍ନ ସମୟରେ ମୁତାରିଫା ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର ଓ ଅନ୍ୟ ୨ ଜଣ ପଞ୍ଚାୟତ ପ୍ରତିନିଧି ବ୍ଲକ୍ କାର୍ଯ୍ୟାଳୟରେ ଥିବାବେଳେ କେତେଜଣ ବିଜେଡି ସମର୍ଥିତ କର୍ମୀ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଖବର ପ୍ରଚାରିତ ହେବାପରେ ଅଧିକ ସଂଖକ ଭାଜପା ଓ ବିଜେଡି କର୍ମୀ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ପରସ୍ପରକୁ ଗାଳିଗୁଲଜ କରିଥିଲେ। କେତେଜଣ ଭାଜପା କର୍ମୀ ବିଜେଡି ସମର୍ଥିତ ତଥା ଉପାଧ୍ୟକ୍ଷଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଫଳରେ ପରିସ୍ଥିତ ଉତ୍ତେଜନାପୂର୍ଣ୍ଣ ହୋଇଥିଲା।

ଏନେଇ ଉଭୟ ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ମୃଣ୍ମୟ କୁମାର ସେନାପତି କହିଛନ୍ତି। ଏ ସମ୍ପର୍କରେ ସାଲେପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା କହିଛନ୍ତି, ବିରୋଧୀ ଗତ ୨ ଦିନ ତଳେ ରାଜେଶଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନାତ୍ମକ କରାଯିବ। ଅପରପକ୍ଷେ କଟକ ଜିଲା ଭାଜପା ସାଧାରଣ ସମ୍ପାଦକ ତଥା ତରିତୋ ସରପଞ୍ଚ ଅରବିନ୍ଦ ବିଶ୍ୱାଳ କହିଛନ୍ତି, ବିଜେଡି ସମର୍ଥିତ କର୍ମୀମାନେ ୨ଦିନ ତଳେ ଜଣେ ଭାଜପା ସମର୍ଥିତ କର୍ମୀଙ୍କୁ ଆକ୍ରମଣ କରିଥିଲେ। ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭାଜପା ପକ୍ଷରୁ ଏସ୍‌ପି ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ।



ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରୁଛନ୍ତି।

## କଟକ-ପାରାଦୀପ-କଟକ ମେମୁ ଟ୍ରେନ୍ ଚାଲୁ କରିବାକୁ ଦାବି

**କଟକ ଅଫିସ,୨।୮**

କଟକ-ପାରାଦୀପ-କଟକ ମେମୁ ପାସେଞ୍ଜର ଟ୍ରେନ କୋଭିଡ୍ ଯୋଗୁ ୮ ମାସ କାଳ ଚଳାଚଳ ବନ୍ଦ ରହିଥିଲା। ପ୍ରଥମ ଲହର କୋଭିଡ୍ ପରିସ୍ଥିତି ସ୍ୱାଭାବିକ ହେବାରୁ ଉକ୍ତ ପାସେଞ୍ଜର ଟ୍ରେନ ଦ୍ୱୟକୁ ସ୍ପେଶାଲ ଟ୍ରେନରେ ପରିବର୍ତ୍ତନ କରି ମାତ୍ର ମାସକ ଲାଗି ଚଳାଚଳ କରାଯାଇଥିଲା। ଯାହାର ସର୍ବନିମ୍ନ ଭଡ଼ା ୩୦ଟଙ୍କା ରଖାଯାଇଥିଲା ଓ ମାସିକ ଟିକେଟକୁ ଉଠାଇ ଦିଆଯିବାରୁ ଯାତ୍ରୀ ହୋଇ ନ ଥିଲେ। ପୁଣି ଦ୍ୱିତୀୟ ଲହର ଆସିବାରୁ ଗତ ଏପ୍ରିଲଠାରୁ ପୁଣି ଉକ୍ତ ଟ୍ରେନଦ୍ୱୟକୁ ବାତିଲ କରିଦିଆଯାଇଛି। ଏହି ଦୁଇ ପାସେଞ୍ଜର ଟ୍ରେନ ଉପରେ କଟକ, କଟକ ସଦର ଓ ଜଗତ୍‌ସିଂହପୁର ଜିଲା ଗ୍ରାମାଞ୍ଚଳରୁ ଶତାଧିକ ଲୋକ ନିର୍ଭରଶୀଳ। ଏବେ ଅନ୍‌ଲକ ପ୍ରକ୍ରିୟା ପ୍ରଚଳନ ହୋଇ ସ୍ଥିତି ସ୍ୱାଭାବିକ ହୋଇଛି। ତେବେ ପୂର୍ବ ନିର୍ଦ୍ଧାରିତ ସମୟ ସାରଣୀ, ପୂର୍ବ ଭଡ଼ା ଓ ମାସିକିଆ ଟିକେଟ ବ୍ୟବସ୍ଥା ସହ ଉକ୍ତ ଦୁଇ ପାସେଞ୍ଜର ଟ୍ରେନ ଯଥା କଟକ-ପାରାଦୀପ ସନ୍ଧ୍ୟା ଟ୍ରେନ ନମ୍ବର ୫୮୦୪୧ ଓ ପାରାଦୀପ-କଟକ ସକାଳ ଟ୍ରେନ ନମ୍ବର ୫୮୪୦୨ ମେମୁ ପାସେଞ୍ଜରକୁ ସ୍ୱାଭାବିକ କରିବାକୁ ପୂର୍ବତଟ ରେଳପଥ ନିକଟରେ ଯାତ୍ରୀଙ୍କ ପକ୍ଷରୁ ଦାବି ହେଉଛି।

## କଲ୍ୟାଣ ମଣ୍ଡପ ଫାଟକରେ ତାଲା ପକାଇଲେ

**ବାଲିଅନ୍ତା,୨।୮(ଡି.ଏନ.ଏ)**

ବାଲିଅନ୍ତାସ୍ଥିତ କୁଞ୍ଜବିହାରୀ ମନ୍ଦିର ନିକଟରେ ଥିବା ପଞ୍ଚାୟତର ଏକ କଲ୍ୟାଣମଣ୍ଡପ ଫାଟକରେ ସୋମବାର ମନ୍ଦିର କମିଟିର କେତେଜଣ କର୍ମକର୍ତ୍ତା ତାଲା ପକାଇ ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଏହି କଲ୍ୟାଣମଣ୍ଡପ ମନ୍ଦିର ଜାଗାରେ ନିର୍ମାଣ କରାଯାଇଛି। ଏଥିରୁ ଆଦାୟ କରାଯାଉଥିବା ଅର୍ଥ ମନ୍ଦିରକୁ କିଛି ମିଳୁନାହିଁ। ଫଳରେ ମନ୍ଦିରରେ ବିଭିନ୍ନ ପୂଜା ଓ ଜାନିଯାତ୍ରା ପାଇଁ ଅର୍ଥର ଅଭାବ ଦେଖାଦେଇଛି। ଏ ନେଇ ମନ୍ଦିର କମିଟିର କର୍ମକର୍ତ୍ତା ବିଡିଓ ଓ ସରପଞ୍ଚଙ୍କୁ ଭେଟି ଆଲୋଚନା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦାବି ଅର୍ଥ ମିଳିପାରି ନାହିଁ। ମଣ୍ଡପ ଭଡ଼ା ବାବଦକୁ ମିଳୁଥିବା ଅର୍ଥରୁ ମନ୍ଦିରକୁ ଦେବା ପାଇଁ ସେମାନେ ଦାବି କରି ଏଭଳି ପଦକ୍ଷେପ ନେଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ମହାପାତ୍ର ପଚାରିବାରେ ଘଟଣାସମ୍ପର୍କରେ ସରପଞ୍ଚ ଓ ବିଡିଓଙ୍କୁ ଜଣାଇଛି ବୋଲି କହିଥିଲେ।

## ଆବାସ ଦୁର୍ନୀତି ନେଇ ଓଏଚ୍‌ଆର୍‌ସିରେ ଅଭିଯୋଗ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ପ୍ରଶାସନ ପକ୍ଷରୁ ଭୂମିହୀନ, ଗରିବ ଓ ବାସହରାଙ୍କ ପାଇଁ ଉଦ୍ଦିଷ୍ଟ ଆବାସ ଯୋଜନାରେ ଏପରି ବ୍ୟାପକ ଅନିୟମିତା ହୋଇଥିବା ନେଇ ଶନିବାର ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ହୋଇଛି। ସଦାନନ୍ଦପୁର, ମୁକୁଳିଶି, ନାଇକୁଡି, ପାଉଁଶକୁଲି, ସନ୍ତୋଷପୁର, ତାଡ଼ଦା ଆଦି ପଞ୍ଚାୟତରେ ଆବାସ ଯୋଜନାରେ ଅଧିକ ଦୁର୍ନୀତି ହୋଇଥିବା ମାନବାଧିକାର କର୍ମୀ ପ୍ରଦୀପ୍ତ ଦାସ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। ଦରଡା ପଞ୍ଚାୟତ ପଳାଶିଆ ଗ୍ରାମର ଜଣେ ଧନିକ ବ୍ୟକ୍ତି ୨୦୧୯/୨୦ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ହାତେଇଛନ୍ତି। ମାତ୍ର ପାଖ ଗାଁର ଗରିବ ଆଦିବାସୀ ଗୌରାଙ୍ଗ ଗନ୍ତାୟତ ଏଥିରୁ ବଞ୍ଚିତ ହୋଇଛନ୍ତି। ଫାଇଲିନ୍ ବାତ୍ୟାରେ ଗୌରାଙ୍ଗଙ୍କ ଚାଳିଆ ଘରଟି ଭାଙ୍ଗିଯାଇଥିବାବେଳେ ଦୀର୍ଘଦିନ ଧରି ସେ ଗାଁ ବିଦ୍ୟାଳୟ ପିଣ୍ଡାରେ ନିଜ ଝିଅ ଓ ସ୍ତ୍ରୀଙ୍କୁ ଧରି ଦିନ କାଟୁଛନ୍ତି। ସରପଞ୍ଚ, ବିଡିଓ, ବିଧାୟକ ଓ ଜିଲାପାଳଙ୍କୁ ବାରମ୍ବାର ଗୁହାରି କରିବା ପରେ ମଧ୍ୟ ତାଙ୍କ ଗୁହାରି କେହି ଶୁଣୁ ନ ଥିବାରୁ ହସ୍ତକ୍ଷେପ କରିବାକୁ ସେ ନିବେଦନ କରିଛନ୍ତି।

## ଶିଶୁ ଅଧିକାର ସୁରକ୍ଷା ଆୟୁକ୍ତଙ୍କ ସ୍କୁଲ ପରିଦର୍ଶନ

**ଭୁବନେଶ୍ୱର,୨।୮(ବ୍ୟୁରୋ)**

ରାଜ୍ୟରେ ଏବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଆରମ୍ଭ ହୋଇଛି। କୋଭିଡ୍ ନିୟମାବଳୀ କୁ ପାଳନ କରି ବିଦ୍ୟାଳୟ ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି। ବିଦ୍ୟାଳୟରେ କୋଭିଡ୍ ନିୟମାବଳୀ କିପରି ପାଳନ ହେଉଛି ତାହାର ତଦାରଖ ପାଇଁ ସୋମବାର ଶିଶୁ ଅଧିକାର ସୁରକ୍ଷା ଆୟୁକ୍ତ ସନ୍ଧ୍ୟାବତୀ ପ୍ରଧାନ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଆୟୋଗର ସଦସ୍ୟା ଦିବ୍ୟା ଶାଶ୍ୱତୀ ଓ ଉପଦେଷ୍ଟା ଘାସିରାମ ପଣ୍ଡା ତାଙ୍କ ସହ ଥିଲେ। ପ୍ରଥମେ ସେମାନେ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟ ଓ ଛାତ୍ରାବାସକୁ ଯାଇ ସ୍ଥିତି ପରଖିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ ପିଲାଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସନ୍ତୋଷବ୍ୟକ୍ତ କରିଥିଲେ। ଡେଙ୍ଗୁ ପରିପ୍ରେକ୍ଷୀରେ ଛାତ୍ରାବାସକୁ ପରିଷ୍କାର ଓ ପରିଚ୍ଛନ୍ନତା ରଖିବା ପାଇଁ ପରାମର୍ଶ ଦେଇଥିଲେ। ପରେ ସେ କେନ୍ଦ୍ରୀୟ ବିଦ୍ୟାଳୟ-୧ ଓ ୟୁନଟ୍-୮ ସରସ୍ୱତୀ ଶିଶୁମନ୍ଦିର ଯାଇ ଛାତ୍ରୀଛାତ୍ର ଓ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଥିଲେ। କିଛି ଅସୁବିଧା ହେଲେ ଚାଇଲ୍ଡ ଲାଇନର ଦେୟମୁକ୍ତ ଫୋନ୍‌ରେ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଓ ଗୋଷ୍ଠୀ ଶିକ୍ଷାଧିକାରୀ ଉପସ୍ଥିତ ରହି ସୂଚନା ଦେଇଥିଲେ। ମଙ୍ଗଳବାର ଅନ୍ୟ ବିଦ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ଆନ୍ଦୋଳନକୁ ଓହ୍ଲାଇଲେ ମୋ ବସ୍ ଡ୍ରାଇଭର

**ଭୁବନେଶ୍ୱର, ୨।୮ (ବ୍ୟୁରୋ)**

ଲକ୍‌ଡାଉନ କଟକଣା କୋହଳ ହେବା ପରେ ସୋମବାରଠାରୁ 'ମୋ ବସ୍' ସେବା ସ୍ୱାଭାବିକ ହେବା ସହ ୨୫ ରୁଟ୍‌ରେ ବସ୍ ଚାଲିବ ବୋଲି ରୁଟ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ଦରମା ବୃଦ୍ଧି ଦାବିରେ ସମ୍ ହସ୍ପିଟାଲ ନିକଟ ଡିପୋରେ ମୋ ବସ୍ ଡ୍ରାଇଭରମାନେ ଆନ୍ଦୋଳନକୁ ଓହ୍ଲାଇ ଥିବାରୁ ଏହି ସେବା ବାଧାପ୍ରାପ୍ତ ହୋଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଷ୍ଟିଅରିଂ ଛାଡି ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି ମୋ ବସ୍ ଡ୍ରାଇଭର। ଫଳରେ ଖୋର୍ଦ୍ଧା, ବାଲକାଟୀ, ସାଇ ମନ୍ଦିର ଆଦି ୧୪ ରୁଟ୍‌ରେ ପ୍ରାୟ ଶହେଟି ବସ୍ ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନ ସ୍ଥଳରେ କର୍ତ୍ତୃପକ୍ଷ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ନ ଥିଲା। ଡ୍ରାଇଭରମାନେ ଏବେ ଦିନକୁ ୮ଘଣ୍ଟା ହିସାବରେ ମାସକୁ ୧୨ହଜାର ଟଙ୍କା ଦରମା ପାଉଥିବାବେଳେ ଏତେ କମ୍ ଦରମାରେ ଚଳିବା ଅସମ୍ଭବ ହେଉଥିବା ଅଭିଯୋଗ କରିଛନ୍ତି। ତେଣୁ ମାସକୁ ୮ ଘଣ୍ଟା ହିସାବରେ ୧୮ହଜାର ଟଙ୍କା ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ଖବର ପାଇ ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କ ଦାବିକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। କର୍ତ୍ତୃପକ୍ଷ ତୁରନ୍ତ ସେମାନଙ୍କ ଦାବିକୁ ପୂରଣ କରନ୍ତୁ। ଏଥିସହ କର୍ତ୍ତୃପକ୍ଷ ମନଇଚ୍ଛା ଡ୍ରାଇଭରମାନଙ୍କୁ କାର୍ଯ୍ୟରୁ ବାହାର କରୁଥିବାରୁ ଆନ୍ଦୋଳନସ୍ଥଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।



**ସବୁ ରୁଟ୍‌ରେ ଚାଲି ପାରିଲାନି ବସ୍**

- ୮ ଘଣ୍ଟାକୁ ମିଳୁଛି ମାତ୍ର ୧୨ ହଜାର
- ଦରମା ୧୮ହଜାରକୁ ବୃଦ୍ଧି ଦାବି



# ‘ହକି ପ୍ରତି ଓଡ଼ିଶାର ଅବଦାନ ଅତୁଳନୀୟ’

**ଭୁବନେଶ୍ୱର, ୨।୮ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ପୁରୁଷ ହକି ଦଳ ଦୀର୍ଘ ୪୯ ବର୍ଷ ବ୍ୟବଧାନରେ ଏବଂ ମହିଳା ଦଳ ପ୍ରଥମଥରପାଇଁ ଅଲିମ୍ପିକ୍ସର ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛି। ଏଥିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ। ପ୍ରଥମେ ମୁଁ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇବାକୁ ଚାହିଁବି। ଏପରି ଏକ ମୁହୂର୍ତ୍ତକୁ ଆମେ ଦୀର୍ଘଦିନଧରି ଅପେକ୍ଷା କରିଥିଲୁ। ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ଗ୍ରେଟ୍ ବ୍ରିଟେନକୁ ହରାଇବାପରେ ଆମେ ଉତ୍କଣ୍ଠାର ସହ ମହିଳା ଦଳର ମ୍ୟାଚକୁ ଅପେକ୍ଷା କରିଥିଲୁ। ମାତ୍ର ମହିଳା ଦଳ ଯେପରି ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲରେ ପହଞ୍ଚିଲା ଯେତେ ପ୍ରଶଂସା କଲେ କମ୍ ହେବ। କାରଣ ଏଥର ମଧ୍ୟ ଅଷ୍ଟ୍ରେଲିଆ ପଦକ ଦାବିଦାର ଥିଲା। ଅଧିନାୟିକା ରାଣୀ ରାମପାଲଙ୍କଠାରୁ ଆରମ୍ଭ କରି ସୁଶୀଳା, ମନୀଷା, ନିକିତା, ଟେଟେ, ଦୀପ୍‌ଗ୍ରେସ୍ ଏବଂ ଗୋଲକିପର ସବିତାଙ୍କ ପର୍ଯ୍ୟନ୍ତ ସମସ୍ତେ ଅତି



ଦିଲୀପ ତିର୍କୀ

ଚମତ୍କାର ପ୍ରଦର୍ଶନ କରିଛନ୍ତି। ଫିଟ୍‌ନେସର ଅଭାବ ଆମପାଇଁ ଅନେକ ସମୟରେ ସମସ୍ୟାଭାବେ ଉଭା ହେଉଥିଲା। ମାତ୍ର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଭାରତୀୟ ମହିଳା ଦଳ ଦେଖାଇ ଦେଲେ ଯେ ଆମେ ମଧ୍ୟ ଫିଟ୍‌ନେସରେ କିଛି ପଛରେ ନାହୁଁ। ଭାରତୀୟ ମହିଳା ଓ ପୁରୁଷ ଦଳର ପ୍ରଦର୍ଶନ ଆଗାମୀ ଯୁବ ପିଢ଼ିଙ୍କୁ ନିଶ୍ଚିତ ଉତ୍ସାହିତ କରିବ। ଭାରତ ଆଗାମୀ ଦିନରେ ଯେ ସେମିଫାଇନାଲରେ ପ୍ରବେଶ କରିପାରିବ ସେ ବିଶ୍ୱାସ ସେମାନଙ୍କ ମନରେ ଆସିବ ବୋଲି ଦିଲୀପ କହିଛନ୍ତି। ଏଥର ଉଭୟ ମହିଳା ଓ ପୁରୁଷ ଦଳ ପୋଡିୟମ ମଣ୍ଡନ କରିବା ଆଶା ରହିଛି।

ଏହି ଅବସରରେ ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଦିଲୀପ। କାରଣ ଭାରତୀୟ ହକି ଦଳ ସବୁବେଳେ ପ୍ରାୟୋଜକଜନିତ ସମସ୍ୟାରେ ରହିଥାଏ। ଓଡ଼ିଶା ସରକାର ଭାରତୀୟ ଦଳର ପ୍ରାୟୋଜକ ହୋଇ ଅଧା ସମସ୍ୟା ଦୂର କରି ଦେଇଛନ୍ତି। ବିଶେଷ କରି ଯେତେବେଳେ ଦଳପାଇଁ ନିହାତି ଆବଶ୍ୟକ ଥିଲା ସେତେବେଳେ ରାଜ୍ୟ ସରକାର ସହାୟତାର ହାତ ବଢ଼ାଇ ହକିପ୍ରତି ତାଙ୍କର ମନୋଭାବକୁ ସ୍ପଷ୍ଟ କରିଛନ୍ତି। ଦୀର୍ଘକାଳୀନଭିତ୍ତିରେ ଯୋଜନା ପ୍ରସ୍ତୁତ କରିବାକୁ ହେଲେ ପ୍ରାୟୋଜକ ନିହାତି ଆବଶ୍ୟକ ହୋଇଥାଏ। ହକିକୁ ପ୍ରମୋଟ କରିବା ପାଇଁ ରାଜ୍ୟ ସରକାର ବହୁତ କିଛି କରୁଛନ୍ତି। ସୁନ୍ଦରଗଡ଼ରେ ୧୭ଟି ସ୍ଥାନରେ ଅଷ୍ଟ୍ରୋଟର୍ଫ ଉପଲବ୍ଧ କରାଇ ଭଲ ଭିତ୍ତିଭୂମି ସୃଷ୍ଟି ପାଇଁ ପଦକ୍ଷେପ ନେଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗୁ ବଡ଼ ଟୁର୍ନାମେଣ୍ଟଗୁଡ଼ିକ ଏବେ ଓଡ଼ିଶାକୁ ଆସିବାରେ ଲାଗିଛି। ପୂର୍ବରୁ ଆମପାଇଁ ଯାହା ସ୍ୱପ୍ନଥିଲା ତାହାକୁ ଆମ ପିଲାମାନେ ଏବେ ନିକଟରୁ ଦେଖି ପାରୁଛନ୍ତି। ହକି ପ୍ରତି ଓଡ଼ିଶାର ଅବଦାନ ଅତୁଳନୀୟ। ମହିଳା ଦଳ ପରି ପୁରୁଷ ହକି ଦଳ ମଧ୍ୟ ଚମତ୍କାର ଖେଳୁଛି। ଆମ ପାଖରେ ଏବେ ଏକାଧିକ ଡ୍ରାଗ୍ ଫ୍ଲିକର ଅଛନ୍ତି। ଅଧିନାୟକ ମନପ୍ରୀତ୍ ସିଂଙ୍କଠାରୁ ଆରମ୍ଭ କରି ଗୋଲକିପର ପି.ଆର. ଶ୍ରୀଜେଶ, ଦୁଇ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ମଧ୍ୟ ଭଲ ଖେଳୁଛନ୍ତି। ଆମେ ରକ୍ଷଣଭାଗକୁ ଦୃଢ଼ କରିବା ସହ ଆକ୍ରମଣାତ୍ମକ ହକି ମଧ୍ୟ ଖେଳୁଛୁ। ତେଣୁ ଏଥର ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ସେମିଫାଇନାଲରେ ଲଢ଼େଇ କରିବା ନିଶ୍ଚିତ ବୋଲି ଓଡ଼ିଶା ହକି ପ୍ରମୋଶନ କାଉନସିଲ ଚେୟାରମ୍ୟାନ ଦିଲୀପ କହିଛନ୍ତି। ଭାରତୀୟ ପୁରୁଷ ଦଳ ସେମିଫାଇନାଲରେ ମଙ୍ଗଳବାର ବେଲ୍‌ଜିୟମକୁ ଭେଟିବ। ଏଥିପାଇଁ ଦଳର ଖେଳାଳିଙ୍କୁ ଶୁଭକାମନା ଜଣାଇଛନ୍ତି ଏହି ପୂର୍ବତନ ଡିଫେଣ୍ଡର।

# ବେଲାରୁଷ ଅଲିମ୍ପିଆନଙ୍କୁ ଭିଜା ମଞ୍ଜୁର କଲା ପୋଲାଣ୍ଡ

**ଟୋକିଓ, ୨।୮ (ଏପି):** ପୋଲାଣ୍ଡ ସୋମବାର ବେଲାରୁଷର ଜଣେ ଅଲିମ୍ପିକ ସ୍ପ୍ରିଣ୍ଟର କ୍ରିଷ୍ଟିନା ସିମାନୋସକାୟାଙ୍କୁ ଭିଜା ମଞ୍ଜୁର କରିଛି। କ୍ରିଷ୍ଟିନା କହିଛନ୍ତି, ଟିମ୍ ଅଫିସିଆଲ ତାଙ୍କୁ ବାଧ୍ୟତାମୂଳକ ତାଙ୍କ ଦେଶକୁ ପଠାଇ ଦେବା ଲାଗି ଚେଷ୍ଟା କରିଥିଲେ। ନିଜ ଦେଶ ଫେରିଲେ ତାଙ୍କ ପ୍ରତି ବିପଦ ରହିଛି। ବେଲାରୁଷରେ ଏକଚ୍ଛତ୍ରବାଦ ଶାସନ ଚାଲିଛି। ନିକଟରେ ସରକାର ଜଣେ ଭିନ୍ନମତବାଦୀ ଜର୍ନାଲିଷ୍ଟଙ୍କୁ ଗିରଫ କରିଛନ୍ତି। ସେ ଏକ ବିମାନକୁ ଅନ୍ୟତ୍ର ନେଇ ପଳାଇବାକୁ ଉଦ୍ୟମ କରୁଥିଲେ ବୋଲି ସରକାରଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏକ ସ୍ୱେଚ୍ଛାସେବୀ ସଂଘର ସହାୟତାରେ କ୍ରିଷ୍ଟିନା ୱାରସ ଯିବା ଲାଗି ବିମାନ ଟିକେଟ ପାଇଛନ୍ତି। ଟିମ୍‌ର ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ କ୍ରିଷ୍ଟିନା ଅଫିସିଆଲଙ୍କୁ କଡ଼ା ସମାଲୋଚନା କରିଥିଲେ। ଧାବିକା ଜଣକ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ କହିଥିଲେ, ସେ ୪x୪୦୦ ରିଲେ ଇଭେଣ୍ଟରେ କେବେ ଭାଗ ନେଇ ନ ଥିଲେ ମଧ୍ୟ ତାଙ୍କୁ ଏହି ଦଳରେ ସାମିଲ କରାଯାଇଛି। ତାଙ୍କର ଏହି ବକ୍ତବ୍ୟକୁ ନେଇ ବିବାଦ ଚାଲିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଗଣମାଧ୍ୟମରେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଯେଉଁମାନେ ସରକାରୀ କାର୍ଯ୍ୟର ସମାଲୋଚନା କରୁଛନ୍ତି ଅବା ଦୋଷ ଦୁର୍ବଳତା ପ୍ରକାଶ କରୁଛନ୍ତି କର୍ତ୍ତୃପକ୍ଷ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଧାବିକା ଜଣଙ୍କୁ ଯେତେବେଳେ ବଳପୂର୍ବକ ବିମାନବନ୍ଦରକୁ ନିଆଗଲା ଏବଂ ଇସ୍ତାନବୁଲ ଯିବା ଲାଗି କୁହାଗଲା ସେ ରେକ୍‌ଠୋକ୍ ମନା କରିବା ସହ ସ୍ଥାନୀୟ ପୋଲିସର ସହାୟତା ମାଗିଥିଲେ। ସେ ଆହୁରି ମଧ୍ୟ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ।



କ୍ରିଷ୍ଟିନା ସିମାନୋସକାୟା ପୋଲିସ ସହ କଥା ହେଉଛନ୍ତି।

# ଭାରତ-ବେଲଜିୟମ ସେମିଫାଇନାଲ ଆଜି

**ଟୋକିଓ,୨।୮:** ଅଲିମ୍ପିକ୍ସ ପୁରୁଷ ହକି ଇଭେଣ୍ଟରେ ଭାରତ ସେମିଫାଇନାଲ ମୁକାବିଲାରେ ମଙ୍ଗଳବାର ଶକ୍ତିଶାଳୀ ବେଲଜିୟମକୁ ଭେଟିବ। ଭାରତ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବିଜୟୀ ହୋଇ ଦୀର୍ଘ ୪୧ ବର୍ଷପରେ ଫାଇନାଲକୁ ଉଠିବା ସହ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛି। ଭାରତ ଅଲିମ୍ପିକ୍ସରେ ଏପର୍ଯ୍ୟନ୍ତ ୮ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ମୋଟ ୧୧ଟି ପଦକ ହାସଲ କରିଛି। ମନପ୍ରୀତ୍ ସିଂଙ୍କ ନେତୃତ୍ୱରେ ଭାରତ ଏବେ ଅତୀତ ଗୌରବ ଫେରିପାଇବାକୁ ପ୍ରୟାସ କରିବ।

କ୍ୱାର୍ଟର ଫାଇନାଲରେ ଗ୍ରେଟ୍ ବ୍ରିଟେନକୁ ରବିବାର ୩-୧ ଗୋଲରେ ହରାଇ ଭାରତ ସେମିକୁ ଉଠିଥିଲା। ପଦକ ହାସଲଠାରୁ ଭାରତ ଆଉ ଗୋଟିଏ ପାଦ ଦୂରରେ ରହିଛି। ଶେଷଥର ପାଇଁ ଭାରତ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ତେବେ ୬ଟି ଦଳ ଏଥିରେ ଅଂଶଗ୍ରହଣ କରିଥିବାରୁ ସେମିଫାଇନାଲ ମ୍ୟାଚ ହୋଇପାରି ନ ଥିଲା। ଶେଷଥର ପାଇଁ ଭାରତ ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ ସେମିକୁ ଉଠିଥିଲା ଓ ପାକିସ୍ତାନଠାରୁ ୦-୨ରେ ପରାସ୍ତ ହୋଇଥିଲା। କୋଚ୍ ଗ୍ରାହାମ ରିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଜବରଦସ୍ତ ପ୍ରଦର୍ଶନ କରିଛି। ଭାରତ ଦ୍ୱିତୀୟ ପୁଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ୧-୭ରେ ପରାସ୍ତ ହୋଇଥିଲା। ତେବେ ପ୍ରଥମ ମ୍ୟାଚ୍‌ରେ ଜାପାନକୁ ୫-୩ ଗୋଲରେ ପରାସ୍ତ କରିଥିଲା। ଏହାପରେ ଭାରତ କ୍ରମାଗତ ୪ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ବିଜୟଧାରାକୁ ଭାରତ ବଜାୟ ରଖିବାକୁ ଚାହିଁବ।

ଅପରପକ୍ଷରେ ବେଲଜିୟମ ଗତକିଛି ବର୍ଷ ମଧ୍ୟରେ ବିଶ୍ୱର ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି। ବିଶ୍ୱ ଚାମ୍ପିୟନ ହେବା ସହ ବେଲଜିୟମ ଏବେ ବିଶ୍ୱର ୧ ନମ୍ବର ସ୍ଥାନରେ ରହିଛି। ବେଲଜିୟମ ମଧ୍ୟ ୟୁରୋପିଆନ ଚାମ୍ପିୟନଶିପ ହାସଲ କରିଛି। ଭାରତ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଚତୁର୍ଥ ସ୍ଥାନରେ ରହିଛି। ନିକଟ ଅତୀତରେ ଦୁଇ ଦେଶ ମଧ୍ୟରେ ହୋଇଥିବା ମୁକାବିଲାଗୁଡିକରେ ଭାରତ ଗୋଟଏ ପାଦ ଆଗରେ ରହିବ। ୨୦୧୯ରେ ଉଭୟ ଦଳ ପରସ୍ପରକୁ ୩ଥର ଭେଟିଥିଲେ ଓ ସବୁଥିରେ ଭାରତ ବିଜୟୀ ହୋଇଥିଲା। ୟୁରୋପ ଗସ୍ତରେ ଭାରତ ଏହି ସଫଳତା ପାଇଥିଲା। ଏହି ୩ଟି ମୁକାବିଲାରେ ଭାରତ ବେଲଜିୟମକୁ ୨-୦, ୩-୧ ଓ ୫-୧ରେ ହରାଇଥିଲା। ଚଳିତ ବର୍ଷ ମାର୍ଚ୍ଚରେ ୟୁରୋପ ଗସ୍ତରେ ଭାରତ ୩-୨ରେ ବେଲଜିୟମକୁ ପରାସ୍ତ କରିଥିଲା। ଗତ ୫ଟି ମ୍ୟାଚ୍‌ରେ ଭାରତ ୪ଥର ବେଲଜିୟମକୁ ହରାଇଛି। କିନ୍ତୁ ଗତ ରିଓ ଅଲିମ୍ପିକ୍ସରେ ବେଲଜିୟମ ୩-୧ରେ ଭାରତକୁ ହରାଇଥିଲା।

ଭାରତ ପୁଲ ଏ’ରେ ଦ୍ୱିତୀୟ ସ୍ଥାନରେ ରହିଥିଛି। ପୁଲ ଏ’ରେ ଅଷ୍ଟ୍ରେଲିଆ ଶୀର୍ଷରେ ରହିଥିବା ବେଳେ ଓ ବେଲଜିୟମ ୪ଟି ବିଜୟ ଓ ଗୋଟିଏ ଡ୍ର ସହ ପୁଲ୍ ବି ଶୀର୍ଷରେ ରହିଛି। ଗୋଟିଏ ପାଦ ଆଗରେ ଥିବାପରି ମନେହେଉଥିଲେ ମଧ୍ୟ ବିଜୟୀ ହେବାକୁ ହେଲେ ଭାରତକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ଦୀର୍ଘବର୍ଷ ପରେ ସେମିରେ ପ୍ରବେଶ କରିଥିଲେ ମଧ୍ୟ ଆମର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଆଉ ୨ଟି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କଲେ ଆମେ ସ୍ୱର୍ଣ୍ଣ ଜିତିପାରିବୁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି।

# ବ୍ୟାୟାମରୁ ଜିମ୍ନାଷ୍ଟିକ୍ସର ଅଭ୍ୟୁଦୟ

**ଟୋକିଓ, ୨।୮:** ଅଲିମ୍ପିକ୍ସରେ ଜିମ୍ନାଷ୍ଟିକ୍ସ ଏକ ଲୋକପ୍ରିୟ କ୍ରୀଡ଼ା ଭାବେ ଉଭୟ ଆଥଲେଟ ଓ ପ୍ରଶଂସକଙ୍କ ମଧ୍ୟରେ ଆଦୃତ ହୋଇଛି। ଆଧୁନିକ ଜିମ୍ନାଷ୍ଟିକ୍ସ ହେଉଛି ପୁରାତନ ଗ୍ରୀକ୍ ସଭ୍ୟତାର ଅବଦାନ। ଗ୍ରୀକ୍ ଶବ୍ଦ ‘ଜିମ୍ନାଜେନ’ରୁ ଜିମ୍ନାଷ୍ଟିକ୍ସର ନାମକରଣ ହୋଇଛି। ଏହାର ଅର୍ଥ ହେଉଛି ନଗ୍ନ ବ୍ୟାୟାମ। ଅର୍ଥାତ୍ ବ୍ୟାୟାମରୁ ଏହି ଉଚ୍ଚକୋଟୀର କ୍ରୀଡ଼ାର ସୃଷ୍ଟି।

ପୂରା ମାନବ ଇତିହାସରେ ମଣିଷ ଶରୀରର ଦକ୍ଷତା ଓ ସୀମା ବିଷୟରେ ଜାଣିବା ପାଇଁ ପ୍ରୟାସ କରାଯାଇ ଆସୁଛି। ଏଥିପାଇଁ ମଣିଷ ଉଠିବା, ବସିବା, ମୋଡିହେବା, ଲେଉଟିବା ଭଳି ଆଚରଣ କରି ବିଭିନ୍ନ ବ୍ୟାୟାମର ଆରମ୍ଭ କରିଛି। ତେଣୁ ମୌଳିକ ଭାବେ ବ୍ୟାୟାମରୁ ଯେ ଜିମ୍ନାଷ୍ଟିକ୍ସ ସୃଷ୍ଟି ହୋଇଛି, ଏକଥା କହିଲେ ଭୁଲ୍ ହେବ ନାହିଁ। ଜିମ୍ନାଷ୍ଟିକ୍ସର ବିଭିନ୍ନ ଇଭେଣ୍ଟ ମଧ୍ୟ ପରସ୍ପରଠାରୁ ଅଲଗା।

ପୁରୁଷ ଜିମ୍ନାଷ୍ଟମାନେ ୬ଟି ବର୍ଗରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଉଛନ୍ତି। ସେଗୁଡିକ ହେଲା ଫ୍ଲୋର, ଭଲ୍ଟ, ପୋମେଲ ହର୍ସ, ଷ୍ଟିଲ ରିଙ୍ଗ୍ସ, ପାରାଲାଲ ବାର୍ସ ଓ ହରାଇଜଣ୍ଟାଲ ବାର୍ସ। ତେବେ ମହିଳା ଜିମ୍ନାଷ୍ଟମାନେ ୪ଟି ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଫ୍ଲୋର ଓ ଭଲ୍ଟ ସହ ମହିଳାମାନେ ବାଲାନ୍ସ ବିମ୍ ଓ ଅନଇଭିନ ବାର୍ସ ଇଭେଣ୍ଟରେ ଭାଗ ନେଉଛନ୍ତି। ପୁରାତନ ଜିମ୍ନାଷ୍ଟିକ୍ସରେ ରୋପ୍ କ୍ଲାଇମ୍ବିଂ ଭଳି ଇଭେଣ୍ଟ ସାମିଲ ରହିଥିଲା। ସମୟ କ୍ରମେ ଜିମ୍ନାଷ୍ଟିକ୍ସ ଏକ ମର୍ଯ୍ୟାଦାସମ୍ପନ୍ନ କ୍ୱାଲିଟି କ୍ରୀଡ଼ା ଭାବେ ଉଭା ହୋଇଛି। ଅନ୍ୟ କ୍ରୀଡ଼ାଗୁଡ଼ିକଠାରୁ ଏହା ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଆଥଲେଟମାନେ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବା ସହ କଠିନ ପରିଶ୍ରମ ଓ ଅଭ୍ୟାସ ବଳରେ ଜିମ୍ନାଷ୍ଟିକ୍ସରେ ସଫଳତା ହାସଲ କରିଥାନ୍ତି।



## ଜାତୀୟ/ଅନ୍ତର୍ଜାତୀୟ

# ଆଫଗାନିସ୍ତାନରୁ ଫେରିଯିବେ ଆମେରିକା ଖବରଦାତା

ୱାଶିଂଟନ୍, ୨।୮: ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରିନେବା ପରେ ସେଠାରେ ତାଲିବାନ ଆତଙ୍କବାଦୀ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଆଫଗାନ୍‌ରେ ଜନସାଧାରଣଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିଥିବାବେଳେ ସେଠାରେ ଥିବା ନିଜର ଖବରଦାତା ଏବଂ ସାମାଜିକ କର୍ମୀଙ୍କୁ ଫେରାଇନେବାକୁ ଆମେରିକାର ଜୋ ବାଇଡେନ୍ ପ୍ରଶାସନ ସୋମବାର ନିଷ୍ପତ୍ତି ନେଇଛନ୍ତି। ଏଥିସହ ଆମେରିକାଭିତ୍ତିକ ନ୍ୟୁଜ୍ ସଂଗଠନରେ କାର୍ଯ୍ୟ କରୁଥିବା କାର୍ଯ୍ୟକର୍ତ୍ତା କିମ୍ବା ପୂର୍ବତନ କର୍ମଚାରୀ, ସହାୟତା ଏବଂ ବିକାଶ ସଂସ୍ଥା ଓ ଆମେରିକା ତରଫରୁ ପାଣ୍ଠି ପାଉଥିବା ଅନ୍ୟାନ୍ୟ ରିଲିଫ୍ ଗୋଷ୍ଠୀକୁ ଶରଣାର୍ଥୀ ମାନ୍ୟତା ଦେବାକୁ ଆମେରିକା ଏହାର ପରିସରକୁ ବ୍ୟାପକ କରୁଛି ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଆମେରିକା ସରକାରରେ ଥିବା ବର୍ତ୍ତମାନ ଓ ପୂର୍ବତନ କର୍ମଚାରୀ ଏବଂ ନାଟୋ ମିଲିଟାରୀ ଅପରେଶନରେ ସାମିଲ ଥିବା ଲୋକେ ମଧ୍ୟ ଶରଣାର୍ଥୀ ଯୋଗ୍ୟ ହେବେ ବୋଲି ଆମେରିକା ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

# ୩ ବର୍ଷରେ ୩୦୧ ହାତୀ ମୃତ

**ନୂଆଦିଲ୍ଲୀ, ୨।୮ (ଆଇଏଏନ୍‌ଏସ୍)**

## ହାତୀ ଆକ୍ରମଣରେ ଯାଇଛି ୧,୪୦୧ ଜୀବନ



ଗତ ୩ ବର୍ଷରେ ହାତୀ-ମଣିଷ ଲଢ଼େଇରେ ୩୦୧ ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ୧,୪୦୧ ଲୋକଙ୍କ ଜୀବନ ଯାଇଛି। ସୋମବାର ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୦୧୮-୧୯ରେ ୧୧୫ ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯-୨୦ରେ ୯୯ ଏବଂ ୨୦୨୦-୨୧ରେ ୮୭ ହାତୀଙ୍କ ଜୀବନ ଯାଇଛି। ଉପରୋକ୍ତ ୩ ବର୍ଷରେ ଯଥାକ୍ରମେ ୪୫୭, ୫୮୫ ଏବଂ ୩୫୯ ଜଣ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ଏମ୍‌ଡିଏମ୍‌କେ ଏମ୍‌ପି ଭାଇକୋଙ୍କ ଏକ ପ୍ରଶ୍ନର ଉତ୍ତରରେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏହି ସୂଚନା ଦେଇଛନ୍ତି। ହାତୀ ଓ ଏହାର ବାସସ୍ଥାନର ସୁରକ୍ଷା ତଥା ସଂରକ୍ଷଣ ପାଇଁ ‘ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ’ ଯୋଜନାରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇଦେଉଛନ୍ତି। ହାତୀ-ମଣିଷ ଲଢ଼େଇ ରୋକିବା ଲାଗି ୨୦୧୭ ଅକ୍ଟୋବର ୬ରେ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଥିଲା ଏବଂ ହାତୀ ରହୁଥିବା ରାଜ୍ୟଗୁଡ଼ିକୁ ଏହା କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ହାତୀ ସଂରକ୍ଷଣ ପାଇଁ ସେମାନେ ରହୁଥିବା ଜଙ୍ଗଲକୁ ଏଲିଫ୍ୟାଣ୍ଟ ରିଜର୍ଭ ଘୋଷଣା କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୧୪ଟି ରାଜ୍ୟରେ ୩୦ ଏଲିଫ୍ୟାଣ୍ଟ ରିଜର୍ଭ ସ୍ଥାପନ ହୋଇଛି।

# ଆସାମ ଅଫିସରଙ୍କ ବିରୋଧରେ ଏତଲା ପ୍ରତ୍ୟାହାର କଲା ମିଜୋରାମ

**ନୂଆଦିଲ୍ଲୀ, ୨।୮**

ସୀମା ବିବାଦ ହିଂସାକୁ ନେଇ ଆସାମର କେତେଜଣ ଅଫିସରଙ୍କ ବିରୋଧରେ ମିଜୋରାମ ପୋଲିସ ଏତଲା ଦାଏର କରିଥିଲା। ସେଗୁଡ଼ିକୁ ପ୍ରତ୍ୟାହାର କରିନେବାକୁ ମିଜୋରାମ ମୁଖ୍ୟମନ୍ତ୍ରୀ ଜେରାମଥାଙ୍ଗା ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ମିଜୋରାମ ସରକାରଙ୍କ ଏଭଳି ପଦକ୍ଷେପକୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସ୍ୱାଗତ କରିବା ସହ କୋଲାସିବ ଜିଲା ଡିସି ଏବଂ ଭିରେଙ୍ଗ୍‌ତେ ଏସ୍‌ଡିପିଓଙ୍କ ବିରୋଧରେ ଦାଏର ମାମଲା ପ୍ରତ୍ୟାହାର କରିନେବାକୁ ରାଜ୍ୟ ପୋଲିସକୁ କହିଛନ୍ତି। ଗତ ସପ୍ତାହରେ ଆସାମ-ମିଜୋରାମ ସୀମାରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା, ଯେଉଁଥିରେ ଆସାମର ୬ ପୋଲିସ ପ୍ରାଣ ହରାଇଥିଲେ। ଏହା ପରେ ଉଭୟ ରାଜ୍ୟ ପୋଲିସ ଅନ୍ୟ ରାଜ୍ୟର କେତେଜଣ ଅଫିସରଙ୍କ ବିରୋଧରେ ଏତଲା ଦାଏର କରିଥିଲେ। ଅନ୍ୟପକ୍ଷରେ ଆସାମ-ମିଜୋରାମ ସୀମା ବିବାଦ ପ୍ରସଙ୍ଗରେ ଉତ୍ତରପୂର୍ବାଞ୍ଚଳର ଭାଜପା ଏମ୍‌ପିମାନେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସୀମା ବିବାଦ ପ୍ରସଙ୍ଗକୁ କଂଗ୍ରେସ ରାଜନୀତୀକରଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

# ଏମ୍‌ପି ରହିବେ ବାବୁଲ ସୁପ୍ରିଓ

**ନୂଆଦିଲ୍ଲୀ, ୨।୮**



- ଇସ୍ତଫା ଦେବାକୁ ଘୋଷଣା କରିଥିଲେ
- ନଡ୍ଡାଙ୍କୁ ଭେଟି ନିଷ୍ପତ୍ତି ବଦଳାଇଲେ

ରାଜନୀତି ଛାଡ଼ିବା ସହ ଏମ୍‌ପି ପଦରୁ ଇସ୍ତଫା ଦେବାକୁ ଘୋଷଣା କରିବାର ଦିନକ ପରେ ମନ ବଦଳାଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ବାବୁଲ ସୁପ୍ରିଓ। ସେ ପଶ୍ଚିମବଙ୍ଗର ଆସାନସୋଲ ଆସନରୁ ଏମ୍‌ପି ରହିବେ ବୋଲି ସୋମବାର ସୂଚନା ଦେଇଛନ୍ତି। ସୋମବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡାଙ୍କୁ ତାଙ୍କ ବାସଭବନରେ ଭେଟିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୨୦୧୪ରୁ ନରେନ୍ଦ୍ର ମୋଦି ସରକାରରେ ବାବୁଲ ବିଭିନ୍ନ ବିଭାଗର ରାଷ୍ଟ୍ରମନ୍ତ୍ରୀ ରହିଥିଲେ। ଜୁଲାଇ ୭ରେ କ୍ୟାବିନେଟ ସମ୍ପ୍ରସାରଣ ବେଳେ ତାଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସି ପ୍ରାର୍ଥୀ ଅରୂପ ବିଶ୍ୱାସଙ୍କଠାରୁ ସେ ହାରିଯିବାରୁ ତାଙ୍କ ମନ୍ତ୍ରୀପଦ ଯାଇଥିବା କୁହାଯାଉଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ଭାଜପା ନେତୃତ୍ୱ ସହ ମତପାର୍ଥକ୍ୟ ଯୋଗୁ ସେ ରାଜନୀତି ଛାଡ଼ିବା ନେଇ ଶନିବାର ଘୋଷଣା କରିଥିଲେ। ଗାୟକରୁ ରାଜନୀତିକୁ ଆସିଥିବା ବାବୁଲ ସୁପ୍ରିଓ ୨୦୧୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଥିଲେ। ସେତେବେଳେ ସେ ଆସାନସୋଲ ଆସନରୁ ବିଜୟୀ ହୋଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ୨୦୧୯ରେ ମଧ୍ୟ ସେ ସମାନ ଆସନରେ ନିର୍ବାଚନ ଜିତିଥିଲେ। ସେ ଘରଲୋକ ଏବଂ ବନ୍ଧୁମାନଙ୍କ ପରାମର୍ଶକ୍ରମେ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ଶନିବାର କହିଥିଲେ। ତେବେ ତାଙ୍କର ଟିଏମ୍‌ସି, କଂଗ୍ରେସ, ସିପିଏମ୍ କିମ୍ବା ଅନ୍ୟ କୌଣସି ଦଳକୁ ଯିବାର ନାହିଁ ଓ କେହି ତାଙ୍କୁ ଦଳରେ ମିଶିବା ଲାଗି ଡାକି ନ ନାହାନ୍ତି ବୋଲି ସେ କହିବା ସହ ରାଜନୀତିରୁ ଦୂରେଇ ରହି ସମାଜସେବା କରିବେ ବୋଲି ସୂଚନା ଦେଇଥିଲେ।

# ଫେଲ୍ ହୋଇ ୪,୦୪୬ ପିଲାଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୨।୮**

## ୩ ବର୍ଷରେ ଜୀବନ ହାରିଲେଣି ୨୪,୫୬୮

୨୦୧୭ରୁ ୨୦୧୯ ମଧ୍ୟରେ ଦେଶରେ ୨୪ ହଜାରରୁ ଊର୍ଦ୍ଧ୍ୱ ପିଲା ଆତ୍ମହତ୍ୟା କରିଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡ଼ିଛି। ପାର୍ଲାମେଣ୍ଟରେ ଏ ସମ୍ପର୍କିତ ଏକ ପ୍ରଶ୍ନରେ ସରକାରଙ୍କ ପକ୍ଷରୁ ଉପରୋକ୍ତ ସୂଚନା ଦିଆଯାଇଛି। ୩ ବର୍ଷରେ ମୋଟ ୨୪,୫୬୮ ପିଲା ଆତ୍ମହତ୍ୟା କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୩,୩୨୫ କିଶୋରୀ, ଯେଉଁମାନଙ୍କ ବୟସ ୧୪ରୁ ୧୮ ବର୍ଷ ମଧ୍ୟରେ। ତଥ୍ୟ ଅନୁଯାୟୀ ୨୦୧୭ରେ ୮,୦୨୯ଜଣ, ୨୦୧୮ରେ ୮,୧୬୨ ଏବଂ ୨୦୧୯ରେ ୮,୩୭୭ ଜଣ ପିଲା ଜୀବନ ହାରିଛନ୍ତି। ନାବାଳକ ଆତ୍ମହତ୍ୟାରେ ମଧ୍ୟପ୍ରଦେଶ ସର୍ବାଗ୍ରେ ରହିଥିବାବେଳେ ଏହା ପଛକୁ ରହିଛି ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ତାମିଲନାଡୁ।

ପରୀକ୍ଷାରେ ଫେଲ୍ ହେବା କାରଣରୁ ୪,୦୪୬ ପିଲା ଆତ୍ମହତ୍ୟା କରିଥିବାବେଳେ ବିବାହ ଜନିତ କାରଣକୁ ନେଇ ୬୩୯ ଜଣ ଜୀବନ ହାରିଛନ୍ତି। ସେମାନଙ୍କ ମଧ୍ୟରୁ ୪୧୧ ଜଣ କିଶୋରୀ। ପ୍ରେମ ବ୍ୟାପାରକୁ ନେଇ ୩,୩୧୫ ଜଣ ଆତ୍ମହତ୍ୟା କରିଥିବାବେଳେ ରୋଗ ଜନିତ କାରଣରୁ ୨,୫୬୭ ଜଣ ନିଜ ଜୀବନ ନେଇଛନ୍ତି। ମାଡ଼ ଖାଇବା ପରେ ୮୧ ପିଲା ଆତ୍ମହତ୍ୟା କରିଥିବା ଏନ୍‌ସିଆର୍‌ବି ତଥ୍ୟରୁ ଜଣାପଡ଼ିଛି। ଅନ୍ୟ କାରଣ ମଧ୍ୟରେ ରହିଛି ପ୍ରେମିକ କିମ୍ବା ପ୍ରେମିକାଙ୍କ ମଧ୍ୟରୁ ଜଣକର ମୃତ୍ୟୁ ହେବା, ଡ୍ରଗ୍ ଏବଂ ମଦ ଅଭ୍ୟାସ, ଅବାଞ୍ଛିତ ଗର୍ଭଧାରଣ, ସାମାଜିକ ଖ୍ୟାତି ହ୍ରାସ, ବେରୋଜଗାରୀ, ଦାରିଦ୍ର୍ୟ ଏବଂ ବିଚାରଧାରା।

ଏହି ରିପୋର୍ଟକୁ ନେଇ ଶିଶୁ ଅଧିକାର କର୍ମୀମାନେ ପ୍ରତିକ୍ରିୟା ପ୍ରକାଶ କରିବା ସହ ବିଦ୍ୟାଳୟ ଶିକ୍ଷାରେ ଦକ୍ଷତା ତାଲିମ ସାମିଲ କରିବା ସହ ସ୍ୱାସ୍ଥ୍ୟସେବା ଓ ଆରୋଗ୍ୟ କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟକୁ ମୁଖ୍ୟ ବିଷୟ ଭାବେ ସ୍ଥାନ ଦେବା ପାଇଁ ଦାବି କରିଛନ୍ତି। ଅନେକ ସମୟରେ ଭାବାବେଗର ବଶବର୍ତ୍ତୀ ହୋଇ ଛୋଟ ପିଲାମାନେ ଆତ୍ମହତ୍ୟା ଉଦ୍ୟମ କରିଥାନ୍ତି। ଦୁଃଖ, ଦ୍ୱନ୍ଦ୍ୱ, କ୍ରୋଧ, ମାନସିକ ଚାପ କିମ୍ବା ସମସ୍ୟା, ଆତ୍ମସନ୍ଦେହ, ସଫଳତା ପାଇଁ ଚାପ, ଆର୍ଥିକ ଅନିଶ୍ଚିତତା ଯୋଗୁ ସେମାନେ ଏଭଳି ଚରମ ପଦକ୍ଷେପ ନେଇଥାନ୍ତି। ଏସବୁର ସମାଧାନ ଆତ୍ମହତ୍ୟା ବୋଲି ସେମାନେ ଧରିନେଇଥାନ୍ତି।

# ଚାଇନାରେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ବେଜିଂ, ୨।୮:** ଚାଇନାର ତିଆନଜିନ୍ ସହରସ୍ଥିତ ଏକ ୟୁନିଭର୍ସିଟିରେ ପଢୁଥିବା ଜଣେ ଭାରତୀୟ ଛାତ୍ରଙ୍କ ମୃତଦେହ ଗୁରୁବର ତାଙ୍କ ରୁମ୍‌ରୁ ଜବତ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହାର ତଦନ୍ତ ଚାଲିଥିବା ସୋମବାର ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ମୃତକଙ୍କ ନାଁ ଅମନ ନାଗସେନ୍, ଘର ବିହାରର ଗୟାରେ ବୋଲି ଜଣାପଡ଼ିଛି। ଚାଇନାରେ କରୋନା ମହାମାରୀବେଳେ ପ୍ରାୟ ୨୩ ହଜାର ଭାରତୀୟ ଛାତ୍ରୀଛାତ୍ର ଘରକୁ ଫେରିଆସିଥିବାବେଳେ ଅମନ କିନ୍ତୁ ସେଠାରେ ରହିଥିଲେ। ଚାଇନାରେ ଅବସ୍ଥାପିତ ଭାରତୀୟ ଦୂତାବାସକୁ ଏ ବାବଦରେ ଅବଗତ କରାଯିବା ସହ ଘରକୁ ତାଙ୍କ ମୃତଦେହ ପଠାଯିବା ପାଇଁ ଉଦ୍ୟମ ଚାଲିଛି। ଏବେ ଭାରତ ଓ ଚାଇନା ମଧ୍ୟରେ ବିମାନ ଚଳାଚଳ ବନ୍ଦ ରହିଛି।

# ଆଲୋକ ବର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**ନୂଆଦିଲ୍ଲୀ, ୨।୮**



- କ୍ଷମତାର ଅପବ୍ୟବହାର, ଦୁର୍ନୀତି ଅଭିଯୋଗ
- ପେଗାସସ୍ ତାଲିକାରେ ଥିଲେ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୁପାରିସ କରିଛନ୍ତି କେନ୍ଦ୍ର ସରକାର। ଏ ନେଇ କେନ୍ଦ୍ର ଲୋକ ସେବା ଆୟୋଗ(ୟୁପିଏସ୍‌ସି)କୁ କେନ୍ଦ୍ର ପକ୍ଷରୁ ଦସ୍ତାବିଜ୍ ପ୍ରଦାନ କରାଯାଇଛି। ବର୍ମା ତାଙ୍କ କାର୍ଯ୍ୟକାଳ ସମୟରେ ପଦର ଅପବ୍ୟବହାର ସହ ଦୁର୍ନୀତିରେ ଲିପ୍ତ ରହି ନିୟମ ଉଲ୍ଲଂଘନ କରିଥିବା ଏଥିରେ ଦର୍ଶାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ କାର୍ମିକ ଏବଂ ତାଲିମ ବିଭାଗ ବର୍ମାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ୟୁପିଏସ୍‌ସିକୁ କହିଛନ୍ତି। କର୍ମଚାରୀ ଏବଂ ତାଲିମ ବିଭାଗର ମୁଖ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବାବେଳେ ଅମିତ୍ ଶାହା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମୁଖ୍ୟ।

୨୦୧୮ରେ ଆଲୋକ ବର୍ମା ସିବିଆଇ ନିର୍ଦ୍ଦେଶକ ଥିବାବେଳେ ତାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିଥିଲା। ବର୍ମାଙ୍କୁ ସେତେବେଳେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ଥିବା ରାକେଶ ଅସ୍ଥାନା ଅଭିଯୁକ୍ତ ଦର୍ଶାଇଥିଲେ। ପରେ ଉଭୟ ଅସ୍ଥାନା ଓ ବର୍ମାଙ୍କୁ ସିବିଆଇରୁ ହଟାଯାଇଥିଲା। ଅସ୍ଥାନା ଦୋଷମୁକ୍ତ ହୋଇଥିଲେ। ୧୯୮୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅସ୍ଥାନା ଏବେ ଦିଲ୍ଲୀ କମିଶନର ନିଯୁକ୍ତ ହୋଇଛନ୍ତି। ଅପରପକ୍ଷେ ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ବିକଶିତ ପେଗାସସ୍ ସ୍ପାଏୱେର ଗୁପ୍ତଚରଗିରି ତାଲିକାରେ ବର୍ମାଙ୍କ ଫୋନ୍ ନମ୍ବର ରହିଥିବା ଜଣାପଡ଼ିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଅଗଷ୍ଟ, ୨୦୨୧



# ନିର୍ମାଣ ହେବ ୬୧ ମିଶନ ଶକ୍ତି ଗୃହ

- ୧୦୨୭ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ସରିଛି
- ପୋଷଣ ଯୋଜନାରେ ୧,୬୪,୬୯୩ ସାମିଲ
- ବାଲ୍ୟ ବିବାହ ରୋକିବାକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨।୮

ମହିଳା ଓ ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ଏଡିଏମ) ମନୋଜ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଜିଲାରେ ୨ ଅଙ୍ଗନୱାଡି କର୍ମୀ ଓ ସହାୟିକା ପାଇଁ ୨୪୦୯ ଲେଖାଏ ପଦବୀ ମଞ୍ଜୁର ହୋଇଛି। ଅନ୍ୟପଟେ ୩୯ଟି ଅଙ୍ଗନୱାଡି କର୍ମୀ ଓ ୩୮ଟି ସହାୟିକା ପଦବୀ ଖାଲିପଡିଛି। ଜିଲାରେ ୨୧୧୭ଟି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ୧୮୦୮ଟି କେନ୍ଦ୍ର ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ଗୃହ ନିର୍ମାଣ ପାଇଁ ୧୬୦୫ଟି ୱାର୍କଅର୍ଡର ଦିଆଯାଇ କାର୍ଯ୍ୟ ଜାରି ରହିଛି। ସେଥିରୁ ୧୦୨୭ଟି କେନ୍ଦ୍ର କାର୍ଯ୍ୟ ସରିଛି। ଯେଉଁ ବ୍ଲକରେ ଅଙ୍ଗନାୱାଡି କେନ୍ଦ୍ର ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇନାହିଁ, ସେଠାରେ ସିଡିପିଓମାନେ ସ୍ଥାନୀୟ ତହସିଲଦାର ସହ ଯୋଗାଯୋଗ କରି ତୁରନ୍ତ ଏହି କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଦୃଷ୍ଟି ଦେବାକୁ ଏଡିଏମ ପାଢୀ କହଛନ୍ତି। କେନ୍ଦ୍ରରେ ରୋଷେଇ ଗୃହ, ଶୌଚାଳୟ, ବିଦ୍ୟୁତ୍ ଓ ପାନୀୟଜଳ ସୁବିଧା କରାଯିବ। କେନ୍ଦ୍ରଗୁଡିକର ଗୃହ ନିର୍ମାଣ କାର୍ଯ୍ୟ ତ୍ୱରିତ ସାରିବାକୁ ଏଡିଏମ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ପୋଷଣ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଯୋଜନାରେ ଶିଶୁ ଓ ଗର୍ଭବତୀଙ୍କୁ ସାମିଲ କରାଯାଇଛି। ଜିଲାରେ ୧,୬୪,୬୯୩ ଜଣ ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଶିଶୁ ଓ ଗର୍ଭବତୀଙ୍କ ଟିକାକରଣ ଜାରି ରହିଛି। ଜିଲାରେ ଗତ ଏପ୍ରିଲ, ମେ' ଓ ଜୁନରେ ୭୧୭୧ଜଣ ଗର୍ଭବତୀ ଇ-ପ୍ରଗତିରେ ପଞ୍ଜୀକରଣ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିକର ବଗିଚା ଏବଂ ବାଲ୍ୟ ବିବାହ ନିଷେଧ ଓ ବାଲ୍ୟ ବିବାହ ରୋକିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ସହରାଞ୍ଚଳର ପ୍ରତି ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ। ଜିଲାରେ ଭୁବନେଶ୍ୱରକୁ ବାଦ ଦେଲେ ୬୧ଟି ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ବ୍ଲକ ସଦର ମହାକୁମା, ଏନ୍ଏସି ଏବଂ ପୌରାଞ୍ଚଳରେ ମିଶନ ଶକ୍ତି ଭବନ ନିର୍ମାଣ କରାଯିବ। ଏହି ବୈଠକରେ ପିଡି ଡିଆରଡିଏ ଦିଗନ୍ତ କୁମାର ରାଉତରାୟ, ଉପଜିଲାପାଳ ଆଇ ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆରତି ରଥ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ସମେତ ମିଶନ ଶକ୍ତି ପ୍ରୋଗ୍ରାମ ଅଫିସର, ସମସ୍ତ ସିଡିପିଓ, ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଓ ଅନ୍ୟ ଅଧିକାରୀମାନେ।



ଓଡ଼ିଶାରେ ସରକାରୀ ଚାକିରି ପାଇଁ ଛାତ୍ରୀଛାତ୍ରଙ୍କ ବୟସ ସୀମା ୩୨ ପରିବର୍ତ୍ତେ ୪୨ ବର୍ଷ କରିବା ଦାବିରେ ସୋମବାର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଖୋର୍ଦ୍ଧା ଜିଲା ଯୁବ କଂଗ୍ରେସ କମିଟି କର୍ମକର୍ତ୍ତା।

## ଶିକ୍ଷକଙ୍କ ସମସ୍ୟା ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨।୮

ଓଷ୍ଟା ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ କମିଟିର ଏକ ବୈଠକ ସୋମବାର ଭର୍ଗୁଆଲରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। କରୋନାରେ ମୃତ୍ୟୁବରଣ କରିଥିବା ଶିକ୍ଷକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ମୃତକଙ୍କ ପରିବାରଙ୍କୁ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। କାର୍ଯ୍ୟରତ ଶିକ୍ଷକଙ୍କୁ କରୋନା ଯୋଦ୍ଧା ଘୋଷଣା ନ କରାଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପୁନଃ ୧୭୭ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନ ବିଦ୍ୟାଳୟକୁ ସପ୍ତମ ବେତନ କମିଶନ ସହିତ ପେନସନ୍, ଚାକିରି ସର୍ତ୍ତାବଳୀ, ହିନ୍ଦୀ ଶିକ୍ଷକଙ୍କ ଏମ୍ଏ ଯୋଗ୍ୟତାକୁ ଅନୁମୋଦନ କରି ଦରମା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହାର ପ୍ରତିବାଦରେ ଅଗଷ୍ଟ ୧୬ରେ ଭୁବନେଶ୍ୱରରେ ବିଶାଳ ସମାବେଶ କରାଯିବ। ଏନେଇ ଆସନ୍ତା ୯ରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ। ବୈଠକରେ ଓଷ୍ଟା ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରଞ୍ଜନ ଦାଶ, ମଧୁସୂଦନ ଦେ, ରମାକାନ୍ତ ମହାପାତ୍ର, ସନ୍ତୋଷ ଚନ୍ଦ୍ର କର, ଉପେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ୍ୱର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଆଦିବାସୀ ଯୁବକଙ୍କୁ ହତ୍ୟା ଅଭିଯୋଗ

ବେଗୁନିଆ,୨।୮(ଡି.ଏନ୍.ଏ.)

**ପୋଲିସର ତଦନ୍ତ ଆରମ୍ଭ**

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାନପୁର ଆଦିବାସୀ ସାହିର ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରି ପୋଡ଼ି ଦେଇଥିବା ସୋମବାର ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଗ୍ରାମର ସତ୍ୟ ନାୟକ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ମୁତାବକ, କୌଣସି କାରଣକୁ ନେଇ କେତେଜଣ ଦୁର୍ବୃତ୍ତ ସତ୍ୟଙ୍କୁ ହତ୍ୟା କରି ଖୋର୍ଦ୍ଧା ସଦର ଥାନା ଅଧୀନ କରଡଗାଡିଆ ପଟାସ ବଗିଚାରେ ପୋଡ଼ି ଦେଇଛନ୍ତି। ଏନେଇ ସତ୍ୟଙ୍କ ପରିବାରଲୋକେ ବେଗୁନିଆ ଥାନାରେ ଅଭିଯୋଗ କରିଛନ୍ତି। ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ବେଗୁନିଆ ଓ ସଦର ଥାନା ପାଲିସ ମୃତକଙ୍କ ପରିବାର ଲୋକଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ କହିଛନ୍ତି, ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ତଦନ୍ତ ଚାଲିଛି। ଅନ୍ୟପକ୍ଷେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ତେବେ ତଦନ୍ତରେ ବାଧା ହେବ ବୋଲି ଥାନା ଅଧିକାରୀ ଶତପଥୀ ତଥ୍ୟ ଦେବାକୁ ମନାକରିଦେଇଛନ୍ତି।

## ୩.୨୫ଲକ୍ଷ ପିଲାଙ୍କୁ ଦିଆଯିବ କୃମିନାଶକ ଔଷଧ

ଖୋର୍ଦ୍ଧା ଅଫିସ,୨।୮

ଜାତୀୟ କୃମିନାଶକ ପକ୍ଷ କାର୍ଯ୍ୟକ୍ରମ ପାଇଁ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ବିଶ୍ୱରଞ୍ଜନ ପତି ଯୋଗଦେଇ କହିଥିଲେ, ବର୍ଷକୁ ଦୁଇଥର ଏହି କାର୍ଯ୍ୟକ୍ରମ କରାଯାଇଥାଏ। ଫେବୃୟାରୀ ମାସରେ କୃମିନାଶକ ପକ୍ଷ ଆୟୋଜିତ ହୋଇଥିବା ବେଳେ ଅଗଷ୍ଟରେ ପୁଣି କରାଯିବ। ଜନ୍ମିତ ଶିଶୁଠାରୁ ୧୯ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଏହି କୃମିନାଶକ ଔଷଧ ଦିଆଯିବ। ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ କୃମିନାଶକ ବୁନ୍ଦା ଏବଂ ୫ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ବଟିକା ଖାଇବାକୁ ଦିଆଯିବ। ଆଶା ଓ ଅଙ୍ଗନୱାଡି କର୍ମୀ ଘର ଘର ବୁଲି ପିଲାଙ୍କୁ ଏହି ଔଷଧ ଦେବେ। ଖୋର୍ଦ୍ଧା ଜିଲାରେ ୩ ଲକ୍ଷ ୨୫ ହଜାର ୬ଶହ ପିଲାଙ୍କୁ କୃମିନାଶକ ଔଷଧ ଦେବା ପାଇଁ ଲକ୍ଷ୍ୟ ରହିଛି ବୋଲି ସିଡିଏମ୍ଓ ପତି କହିଛନ୍ତି।

ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଦ୍ୱାରିକାନାଥ ଶତପଥୀ କହିଥିଲେ, କୃମି ହେଲେ ଶିଶୁ ଓ ପିଲାଙ୍କ ରକ୍ତହୀନତା, ପୁଷ୍ଟିହୀନତା କମିବା ସହ ସ୍ୱାସ୍ଥ୍ୟର ହାନି ଘଟିଥାଏ। ଏହି ଔଷଧ ସେବନ ଦ୍ୱାରା ଜନ୍ମିତ ଶିଶୁଠାରୁ ୧୯ବର୍ଷ ପର୍ଯ୍ୟନ୍ତ ପିଲାମାନେ ଉପକୃତ ହୋଇପାରିବେ। ଖାଲି ପେଟରେ ଏହି ବଟିକା ଖାଇବେ ନାହିଁ। ୫ବର୍ଷରୁ ଉର୍ଦ୍ଧ୍ୱ ପିଲା ଏହି ବଟିକାକୁ ଚୋବାଇ ଖାଇପାରିବେ। ଫେବୃୟାରୀ ମାସରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲାରେ ୯୦% ସଫଳତା ମିଳିଛି। କୃମିନାଶକ ଔଷଧ ସହିତ ୯ମାସରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଭିଟାମିନ୍ ଏ ସଲ୍ୟୁଶନ ମଧ୍ୟ ଦିଆଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସରମାନେ ଯେପରି ସମସ୍ତ ଶିଶୁ ଏହି ଔଷଧ ସେବନ କରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ଅତିରିକ୍ତ ଜିଲାପାଳ ପାଢୀ ପରାମର୍ଶ ଦେଇଛନ୍ତି। ସେହିପରି ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଡା. ପ୍ରସନ୍ନ କୁମାର ମହାପାତ୍ର ସ୍ତନ୍ୟପାନ ସପ୍ତାହ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡା.ପ୍ରଶାନ୍ତ କୁମାର ଦାଶ, ସହକାରୀ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ସମସ୍ତ ସିଏଚସି, ପିଏଚସି ମେଡିକାଲ ଅଫିସର, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଚାରାରୋପଣ

ଜଟଣୀ,୨।୮(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅନ୍ତର୍ଗତ ପୋଡପଡା ଗ୍ରାମ ଏମ୍ଇ ସ୍କୁଲ ପରିସରରେ ଆମୁକିଓର ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ କିସମର ଚାରାରୋପଣ କରାଯାଇଛି। ଏହି ଚାରାଗୁଡିରେ ପାଣି ଦେବା ଉଦ୍ଦେଶ୍ୟରେ ସୌରଚାଳିତ ପାଣି ମଟର ସଂଯୋଗ କରାଯଇଛି। ଆମୁକିଓର ଟ୍ରଷ୍ଟର ସଦସ୍ୟ ସୁନିଲ କୁମାର ପରିଡା, ତରାବୋଇ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡା. ଅନ୍ତର୍ଯ୍ୟାମି ତ୍ରିପାଠୀ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ପ୍ରତାପ ଛୋଟରାୟଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ପୋଡପଡା ଗ୍ରାମ ଯୁବକ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୭ ପଜିଟିଭ, ୫୩ ସୁସ୍ଥ

**ଖୋର୍ଦ୍ଧା ଅଫିସ,୨।୮:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ସ୍ଥିତି ନିୟନ୍ତ୍ରଣରେ ରହିଛି। ଦୈନିକ ସଂକ୍ରମଣ ହ୍ରାସ ପାଉଥିବା ବେଳେ ସୁସ୍ଥହାର ବୃଦ୍ଧି ପାଇବାରେ ଲାଗିଛି। ସୋମବାର ୨୭ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୫୩ଜଣ ସୁସ୍ଥ ହୋଇଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୫,୧୧,୮୪୧ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୮,୫୧୧ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୭,୯୯୪ଜଣ ସୁସ୍ଥ ହୋଇଛନ୍ତି। ୨୮୨ଜଣଙ୍କ ମୃତ୍ୟୁ ଘଟିଛି। ୨୩୫ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅନ୍ୟପଟେ ସୋମବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୩,୭୬,୫୯୪ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି।

### ମାଲ ପରିବହନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଶୀର୍ଷରେ

**ଜଟଣୀ,୨।୮(ଡି.ଏନ୍.ଏ.):** ମାଲପରିବହନ କ୍ଷେତ୍ରରେ ପୁଣି ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଶୀର୍ଷସ୍ଥାନ ହାସଲ କରିଛି। ୧୩.୧୨ ମିଲିୟନ୍ ଟନ୍ ମାଲ ପରିବହନ କରି ଭାରତୀୟ ରେଳରେ ଦ୍ୱିତୀୟ ଥର ସର୍ବାଧିକ ମାଲ ଲୋଡିଂ ମଣ୍ଡଳ ଭାବେ ଗୌରବ ଅର୍ଜନ କରିଛି। ଚଳିତ ଆର୍ଥିକ ବର୍ଷରେ ଏପ୍ରିଲ ୨୦୨୧ରୁ ଜୁଲାଇ ୨୦୨୧ ମଧ୍ୟରେ ମୋଟ୍ ୪୯.୯୩ ମିଲିୟନ୍ ଟନ୍ ପରିବହନ କରିଛି। କରୋନା ସମୟରେ ଦେଶର ବିଭିନ୍ନ ସ୍ଥାନକୁ ବିଭିନ୍ନ ସାମଗ୍ରୀ ପହଞ୍ଚାଇଥିବାରୁ ମଣ୍ଡଳ ପ୍ରବନ୍ଧକ ଶିଶିକାନ୍ତ ସିଂ ସମସ୍ତ ରେଳ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜୁଲାଇରେ ମଣ୍ଡଳର ତାଳଚେରରୁ ୫୧, ଧାମରା ୨୧, ପାରାଦ୍ୱୀପ ୮୦, ସୁକିନ୍ଦାରୁ ୩୯ ଏବଂ ଛତ୍ରପୁର ଟର୍ମିନାଲରୁ ୭୯ଟି ରେକ୍ ଲୋଡ କରି ସର୍ବଶ୍ରେଷ୍ଠ ଲୋଡିଂର ମାନ୍ୟତା ହାସଲ କରିଛି।

### କୋଭିଡ ମୃତକଙ୍କ ସ୍ତ୍ରୀଙ୍କୁ ମିଳିଲା ଭତ୍ତା

**ଖୋର୍ଦ୍ଧା ଅଫିସ,୨।୮:** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଉଇଲକିଶନ ନଗର ଗ୍ରାମର ଜିତେନ୍ଦ୍ର ମହାରଣା କୋଭିଡରେ ମୃତ୍ୟୁବରଣ କରିଥିଲେ। ସୋମବାର ସରପଞ୍ଚ କଲ୍ୟାଣୀ ଦଳେଇ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଞ୍ଜନ ଜେନା, ୱାର୍ଡ ସଭ୍ୟା ଜ୍ୟୋତ୍ସ୍ନା ସୁନ୍ଦରାୟ ମୃତକଙ୍କଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ଜୁଲାଇ ଓ ଅଗଷ୍ଟ ମାସର ଭତ୍ତା ପ୍ରଦାନ କରିବା ସହିତ ସମବେଦନା ଜଣାଇଛନ୍ତି। ସେହିପରି ଆଶୀର୍ବାଦ ଯୋଜନାରେ ଦୁଇ ଶିଶୁଙ୍କୁ ମାସିକ ୧୫୦୦ଟଙ୍କା ଲେଖାଏ ମଧ ତାଙ୍କ ମା' ଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି। ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ନାହିଁ। ଚାଳଛପର ଘରେ ଜୀବନ ବିତାଉଛୁ। ମାଟି କାନ୍ଥ ଫାଟିଲାଣି। ବିପଦ ସଙ୍କୁଳ ଅବସ୍ଥାରେ ଘରେ ରହୁଛୁ ବୋଲି ମୃତକଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା କହିଛନ୍ତି। ଜିଲା ପ୍ରଶାସନ ଏହି ଗରିବ ପରିବାରକୁ ବିଜୁ ପକାଘର ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତ। ଏ ନେଇ ସରପଞ୍ଚ କଲ୍ୟାଣୀ ଦଳେଇ କୁହନ୍ତ, ଏ ସମ୍ପର୍କରେ ବିଡିଓଙ୍କୁ ଜଣାଇଛୁ। ଖୁବ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି।

### ଠାକୁରଙ୍କ ପ୍ରତିମୂର୍ତ୍ତିକୁ ଓଲଟାଇ ରଖିଥିବା ଅଭିଯୋଗ

**ନିରାକାରପୁର,୨।୮(ଡି.ଏନ୍.ଏ.):** ନିରାକାରପୁର ଥାନା ଅଧୀନ ପାଣ୍ଡବପାଟଣା ଗ୍ରାମସ୍ଥିତ ବାବା କପିଳେଶ୍ୱର ଦେବଙ୍କ ଗାଦି ପୀଠରେ ଠାକୁରଙ୍କ ପଥର ମୂର୍ତ୍ତିକୁ କେହି ଦୁର୍ବୃତ୍ତ ସ୍ଥାପନ ଯାଗାରୁ ତାଡି ଓଲଟାଇ ଥୋଇ ଅସମ୍ମାନ କରିଥିବା ନେଇ ଗ୍ରାମର ବାଇଧର ପ୍ରଧାନ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ୨୦୧୬ ମସିହାରେ ସତ୍ୟବାନ,ସାବିତ୍ରୀ ପଥର ମୂର୍ତ୍ତିକୁ ପୀଠ ପରିସରରେ ସ୍ଥାପନ କରାଯାଇଥିଲା। ଉକ୍ତ ଦିନ ଠାରୁ ପୂଜା ପାଇ ଆସୁଥିଲେ। କେହି ଦୁର୍ବୃତ୍ତ ସ୍ଥାପନ ଯାଗାରୁ ତାଡି ଓଲଟାଇ ରଖିଦେଇଛି। ଠାକୁରଙ୍କୁ ଅସମ୍ମାନ କରାଯାଇଛି ବୋଲି ଅଭିଯୋଗପର୍ତ୍ତରେ ଦର୍ଶାଯାଇଛି।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ

**ବୋଲଗଡ଼,୨।୮(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳିସ୍ଥିତ କ୍ଲବ ରେଡରୋଜ ଆନୁକୂଲ୍ୟରେ ଓ ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର, ଖୋର୍ଦ୍ଧା ସହଯୋଗରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ଅନୁଷ୍ଠାନର କାର୍ଯ୍ୟାଳୟ ପରିସରକୁ ସଫେଇ କରାଯିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ପ୍ରଶାନ୍ତ ଚନ୍ଦ୍ର ନାୟକ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ଥାନୀୟ ଡାକ୍ତରଖାନା ପରିସରରେ ଚାରାରୋପଣ, ମନ୍ଦିର ପରିସର ଓ ଗ୍ରାମ ସଫେଇ କରାଯିବ।

## ଗୃହ ନିର୍ମାଣ ନ କରି ୯୨ହଜାର ଟଙ୍କା ଉଠାଇନେଲେ

- ପିଇଓଙ୍କ ବିରୋଧରେ ଅଭିଯୋଗ ଆଣିଲେ ଗ୍ରାମବାସୀ
- ଅଭିଯୋଗ ସତ୍ତ୍ୱେ ଗୁରୁତ୍ୱ ଦେଉନାହାନ୍ତି ବିଡିଓ
- ମଧୁଚନ୍ଦ୍ରିକାରେ ଚାଲିଛି ହରିଲୁଟ

ଖୋର୍ଦ୍ଧା ଅଫିସ,୨।୮

ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର କୋଟିକୋଟି ଖର୍ଚ୍ଚ କରୁଛନ୍ତି। ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥ ସ୍ଥାନୀୟ ସ୍ତରରେ ବ୍ୟାପକ ହରିଲୁଟ ଚାଲିଛି। ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀ ଏବଂ ସମ୍ପୃକ୍ତ ଠିକା ସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକାରେ ସରକାରୀ ଅର୍ଥ ତୋଷରପାତ କରାଯାଉଛି। ସୋମବାର ଜିଲାପାଳଙ୍କ ନିକଟରେ ଏଭଳି ଅଭିଯୋଗ କରିଛନ୍ତି ଚିଲିକା ବ୍ଲକ ହରିପୁର ପଞ୍ଚାୟତର ପରବଳ ଗ୍ରାମବାସୀ। ଏହି ଗ୍ରାମରେ ଗ୍ରାମବାସୀଙ୍କ ସୁବିଧା ଲାଗି ଢ଼ୁଲଢ଼ୁଲା ପୋଖରୀ ତୁଠରେ ଚେଞ୍ଜିଙ୍ଗ ରୁମ(ଲୁଗା ପାଲଟିବା ଗୃହ) ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ତେବେ ପୋଖରୀ ତୁଠରେ ଗୃହ ନିର୍ମାଣ ହୋଇ ନ ଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ରସିଦ ନମ୍ବର ଏଫଏଫସି/୨୦୦୯/ପି/୧୬ରେ ୯୨ହଜାର ଟଙ୍କା ଗତ ୨୦୧୯ ସେପ୍ଟମ୍ବର ୭ତାରିଖରେ ମଞ୍ଜୁର କରିଛନ୍ତି। ଏ ସମ୍ପର୍କରେ ଜଣାପଡିବା ପରେ କେତେଜଣ ଗ୍ରାମବାସୀ ଗତ ଜୁନ ମାସରେ ଚିଲିକା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ବିଡିଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ବିଡିଓ ଏବଂ ଉକ୍ତ ପଞ୍ଚାୟତ ପିଇଓଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳି ପାରିନାହିଁ।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପରବଳ ଗ୍ରାମବାସୀ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଶ୍ୱଜିତ୍


@ କାର୍ତ୍ତିକ


@ ସୁପ୍ରଭା


@ ସୌଭାଗ୍ୟ


@ ମନ୍ମଥ


@ ମହିମା

## ଗାଁ କଲ୍ୟାଣ ସମିତି ଅର୍ଥ ହଡ଼ପ ଅଭିଯୋଗ

ବେଗୁନିଆ,୨।୮(ଡି.ଏନ୍.ଏ.)

**ବେଗୁନିଆ ବ୍ଲକ**

ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟସେବା ସହାୟତା ଓ ଗାଁ ପରିମଳ ସଫା ରଖିବା ଉଦ୍ଦେଶ୍ୟରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୧୬୦ ରାଜସ୍ୱ ଗ୍ରାମ ଏହି ଯୋଜନାରେ ସାମିଲ ହୋଇଛନ୍ତି। ତେବେ ତଦାରଖ ଅଭାବରୁ ଉକ୍ତ ଯୋଜନାରେ ଆସୁଥିବା ଅର୍ଥ ହଡ଼ପ କରାଯାଉଛି। ଏନେଇ ଦେଉଳି ଅଞ୍ଚଳର ଜଣେ ବ୍ୟକ୍ତି ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। ଲୋକଙ୍କ ହିତରେ ଆବଶ୍ୟକ ଅର୍ଥ ଖର୍ଚ୍ଚ ନ କରାଯାଇ ମିଥ୍ୟା ବିଲ୍ ମଞ୍ଜୁର ହୋଇଛି। ଅନ୍ୟପଟେ ୨୦୧୮ରୁ ଏହି ବ୍ଲକର ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିଯୋଗ ହେଉଥିଲେ ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନାହିଁ।

ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଗାଁ ପରିମଳ ବ୍ୟବସ୍ଥା ସୁଦୃଢ଼ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୧୦ହଜାର ଟଙ୍କା ସମିତିକୁ ଅନୁଦାନ ମିଳୁଛି। ସ୍ଥାନୀୟ ଅଙ୍ଗନବାଡି ଓ ଆଶା କର୍ମୀ, ୱାର୍ଡ ସଭ୍ୟ ଏବଂ ଗ୍ରାମର ୭ଜଣ ପ୍ରମୁଖ ବ୍ୟକ୍ତି ଏହି ସମିତିକୁ ପରିଚାଳନା କରିବେ। ମିଳୁଥିବା ୧୦ହଜାର ଟଙ୍କାକୁ ବିଭିନ୍ନ ମାଧ୍ୟମରେ ବ୍ୟୟ କରିବାର ସୁଯୋଗ ସମିତି ହାତରେ ରହିଛି। ଶିଶୁ ସ୍ୱାସ୍ଥ୍ୟମେଳା, ଗ୍ରୀଷ୍ମଋତୁରେ ଜଳଛତ୍ର, ଗରିବ ବୃଦ୍ଧାବୃଦ୍ଧଙ୍କୁ ଜରୁରିକାଳୀନ ଡାକ୍ତରଖାନା ଯିବା ପାଇଁ ଖର୍ଚ୍ଚ, ଗାଁ ପରିମଳ ସଫେଇ ଆଦି ଯୋଜନା ରହିଛି। ଏହାର ତଦାରଖ ଦାୟିତ୍ୱ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ବେଗୁନିଆ ବ୍ଲକରେ ୨୦୧୫ରୁ ଉପଯୁକ୍ତ ବାଟରେ ଅର୍ଥ ବିନିଯୋଗ କରା ନ ଯାଇ ମିଥ୍ୟା ବିଲ୍ କରାଯାଇଛି। ସେହିପରି ବହୁ ସମିତିରେ ଅଙ୍ଗନୱାଡି କର୍ମୀ ଓ ୱାର୍ଡ ସଭ୍ୟଙ୍କ ମଧ୍ୟରେ ବିବାଦ ଯୋଗୁ ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ। ଅନେକ ସମିତିରେ ମଧ୍ୟ ପ୍ରତିବର୍ଷ କମିଟି ସଭ୍ୟ ପରିବର୍ତ୍ତନ କରା ନ ଯାଇ ମିଳିମିଶି ଅର୍ଥ ହଡ଼ପ କରୁଥିବା ଅଭିଯୋଗ ହୋଇଛି। କେତେକ ସମିତିର ଅବହେଳା ଯୋଗୁ ଅନୁଦାନ ମିଳୁ ନ ଥିବା ଜଣାପଡ଼ିଛି। ଅନ୍ୟପଟେ ସ୍ୱତନ୍ତ୍ର କରୋନା ସହାୟତା ରାଶି ପ୍ରତି ସମିତିକୁ ୨୦ହଜାର ଟଙ୍କା ମିଳିଥିଲା। ଗାଁ ପରିମଳ ଓ ସାନିଟାଇଜ୍ ସହ ଘର ଘର ବୁଲି ସେବା ଯୋଗାଇ ଦେବା ପାଇଁ ଏହାର ଲକ୍ଷ୍ୟ ଥିଲା। ମାତ୍ର ଏହା କାର୍ଯ୍ୟକାରୀ କରା ନ ଯାଇ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦେବାଶିଷ ଆଚାର୍ଯ୍ୟ କହିଛନ୍ତି, ଏନେଇ ଅଭିଯୋଗ ପାଇଛି। ଘଟଣାର ତଦାରଖ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩ ଅଗଷ୍ଟ, ୨୦୨୧

**ଜିଲାପାଳଙ୍କୁ ମୋଟର ଚାଳକ ସଂଘର ଦାବିପତ୍ର**

ପୁରୀ ଅଫିସ : ଓଡ଼ିଶା ମୋଟର ଚାଳକ ସଂଘ ପୁରୀ ଶାଖାର କର୍ମକର୍ତ୍ତାମାନେ ବିଭିନ୍ନ ଦାବି ନେଇ ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କରୋନାଜନିତ ଲକ୍‌ଡାଉନ ଦ୍ୱାରା ପୁରୀର ଶହ ଶହ ମୋଟର ଚାଳକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ମୋଟର ଚାଳକ ଦରିଦ୍ର୍ୟ ସୀମାରେଖା ତଳେ ରହୁଛନ୍ତି। ଗାଡ଼ି ଚଳାଚଳ ବନ୍ଦ ହେବା ଦ୍ୱାରା ଚାଳକମାନେ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯିବା ସହ ପରିବାର ଭରଣ ପୋଷଣ କରିବାରେ ଅସମର୍ଥ ହେଉଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଡ୍ରାଇଭରମାନଙ୍କୁ ସହାୟତା ଯୋଗାଇଦେବାକୁ କର୍ମକର୍ତ୍ତାମାନେ ଦାବି କରିଛନ୍ତି।






୦୨|୦୮|୨୦୨୧

୨୧୭୪ ଟଙ୍କା

## ସଂକ୍ଷେପରେ

### ଆଜିଠୁ ଖୋଲିବ ସାକ୍ଷିଗୋପାଳ ମନ୍ଦିର

ସାକ୍ଷିଗୋପାଳ,୨।୮(ଡି.ଏନ୍.ଏ.)- କୋଭିଡ୍ କଟକଣା ମଧ୍ୟରେ ମଙ୍ଗଳବାରଠାରୁ ଖୋଲିବ ସତ୍ୟବାଦୀ ଅଞ୍ଚଳର ସାକ୍ଷିଗୋପାଳ ମନ୍ଦିର। ପ୍ରତିଦିନ ସକାଳ ୬ଟାରୁ ରାତି ୮ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ମନ୍ଦିର ପ୍ରଶାସନ କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ କରିବା ନେଇ ପୁରୀ ଜିଲାପାଳ ସମର୍ଥ ବର୍ମା ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶ ପ୍ରକାଶ ପାଇବା ପରେ ମନ୍ଦିର ସେବାୟତ, ସ୍ଥାନୀୟ ବ୍ୟବସାୟୀଙ୍କ ସହିତ ମନ୍ଦିର ଉପରେ ନିର୍ଭର କରୁଥିବା ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

### 'ସରକାର ଦେୟମୁକ୍ତ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦିଅନ୍ତୁ'

ପୁରୀ ଅଫିସ,୨।୮: ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ ସହରରେ ସୁଜଳ ଯୋଜନା ଅନ୍ତର୍ଗତ ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସୋମବାର ଆମ୍ ଆଦମୀ ପାର୍ଟି (ଏଏପି) ସମାଲୋଚନା କରିଛି। ସ୍ଥାନୀୟ ସାଲବେଗ ପୀଠ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଏପି ରାଜ୍ୟ ମୁଖପାତ୍ର ରଙ୍ଗାଚରଣ ପ୍ରଧାନ କହିଛନ୍ତି, ଏହା ଘର ଘର ପାଣି ବିଲ୍ ଯୋଜନା। ସମସ୍ତଙ୍କୁ ସ୍ୱଚ୍ଛ ପିଇବା ପାଣି ଯୋଗାଇବା ସମ୍ବିଧାନର ଧାରା ୨୧ରେ ଥିବା ବଞ୍ଚିବାର ଅଧିକାର ମଧ୍ୟରେ ଆସୁଛି। କିନ୍ତୁ ଓଡ଼ିଶା ସରକାର ଏବେ ପୁରୀବାସୀଙ୍କୁ ପ୍ରତି ମାସରେ ଚଢ଼ା ବିଲ୍ ଦେଇ ପିଇବା ପାଣି ବ୍ୟବସାୟ ଆରମ୍ଭ କରିଛନ୍ତି। ଓଡ଼ିଶା ସରକାରଙ୍କ ସୁଜଳ ମିଶନ ୱେବସାଇଟରେ ଉଲ୍ଲେଖ ଅଛି ଯେ, ସରକାର ମାସିକ ୬୦୦୦ ଲିଟର ପର୍ଯ୍ୟନ୍ତ ମାଗଣା ପିଇବା ପାଣି ଯୋଗାଇଦେବେ। କିନ୍ତୁ ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନାରେ ସେପରି କିଛି ନାହିଁ। ସେହିପରି ଜଣେ ଲୋକ ପାଖରେ ପଇସା ନଥିଲେ ମଧ୍ୟ ସେ ପିଇବା ପାଣିରୁ ବଞ୍ଚିତ ହେବା ଉଚିତ୍ ନୁହେଁ। ତେଣୁ ଦିଲ୍ଲୀରେ ଏଏପି ସରକାର ୭ ବର୍ଷ ହେଲା ଲୋକଙ୍କୁ ମାସକୁ ୨୦ ହଜାର ଲିଟର ପର୍ଯ୍ୟନ୍ତ ପାଣି ମାଗଣାରେ ଯୋଗାଇ ଦେଉଛନ୍ତି। ତେଣୁ ଓଡ଼ିଶା ତଥା ପୁରୀରେ ପ୍ରତ୍ୟେକ ପରିବାରକୁ ୨୦ହଜାର ଲିଟର ପର୍ଯ୍ୟନ୍ତ ଦେୟମୁକ୍ତ ସ୍ୱଚ୍ଛ ପିଇବା ପାଣି ସରକାର ଯୋଗାଇ ଦିଅନ୍ତୁ ବୋଲି ପ୍ରଧାନ ଦାବି କରିଛନ୍ତି। ସେହିପରି ପ୍ରତିଦିନ ୨୫ଟି ସ୍ଥାନରୁ ପାଣି ସଂଗ୍ରହ କରି ନମୁନା ପରୀକ୍ଷା କରାଯାଉ। ନଚେତ ପାର୍ଟି ତରଫରୁ ଘରେ ଘରେ ସଚେତନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଖବରଦାତା ସମ୍ମିଳନୀରେ ଜିଲା ଆବାହକ ସଞ୍ଜୀବ ମହାନ୍ତି, ସାଧାରଣ ସମ୍ପାଦକ ରାଜେଶ ପଣ୍ଡା, ମିଡିଆ ସଂଯୋଜକ ସମୀର ସାମନ୍ତରାୟ, ସୋସିଆଲ ମିଡିଆ ଇନ୍‌ଚାର୍ଜ ସତ୍ୟଜିତ ମହାନ୍ତି, ସମୀର ପାଢ଼ୀ, ବିରଜା ପ୍ରସାଦ ନାଥ, ପ୍ରକାଶ ପ୍ରଧାନ, ସତ୍ୟ ପଟ୍ଟନାୟକ, ଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ୯ରେ ଏକାଠି ହେବାକୁ କୃଷକ କଳାକାର ସଂଘର ଆହ୍ୱାନ

ପୁରୀ ଅଫିସ, ୨।୮: ନବନିର୍ମାଣ କୃଷକ ସଙ୍ଗଠନର ନେତୃତ୍ୱରେ ସାରା ରାଜ୍ୟରେ କଳାକାର, ଜିମ୍,ପାର୍ଲର କର୍ମଚାରୀଙ୍କ ଜୀବିକା ସୁରକ୍ଷା ପାଇଁ ଆସନ୍ତା ୯ତାରିଖରେ ହେବାକୁ ଥିବା ବିକ୍ଷୋଭକୁ ସଫଳ କରିବା ପାଇଁ କୃଷକ କଳାକାର ସଂଘ ଆହ୍ୱାନ ଦେଇଛି। ଏ ନେଇ ସୋମବାର ପୁରୀ ପଟ୍ଟନାୟକିଆସ୍ଥିତ ଚଣ୍ଡୀମନ୍ଦିର ପରିସରରେ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକ ସଙ୍ଗଠନର ଜିଲା ସଂଯୋଜକ ଗୋବିନ୍ଦ ମହାପାତ୍ର ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ସରକାର କରୋନା କ୍ଷତିଗ୍ରସ୍ତମାନଙ୍କୁ ୧୧୦୦ କୋଟିର ପାକେଜ ଦେବା ପାଇଁ ଦାବି କରିଥିଲେ। ଯାତ୍ରା କଳାକାର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଆର୍.କେ. ହୀରାଲାଲ ଯୋଗଦେଇ ସରକାର ରାତିରେ କର୍ଫ୍ୟୁ ଜାରି କରି ଯାତ୍ରା ପାଇଁ ଅନୁମତି ଦିଆଗଲା ବୋଲି କହିବା ହାସ୍ୟାସ୍ପଦ ବୋଲି କହିଥିଲେ। କଳାକାର ସଂଘ ସଭାପତି ପ୍ରଭାସ ମିଶ୍ର କହିଥିଲେ ଲୋକଙ୍କ ଶୋଷଣ ବିରୋଧରେ ଓ ଜୀବିକା ବଞ୍ଚେଇବା ପାଇଁ ଅଗଷ୍ଟ ୯ରେ ଏକାଠି ହେବା। ଏଥିପାଇଁ ୧୦ଜଣିଆ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା। ଜିଲା ସଂଯୋଜକ ଗୋବିନ୍ଦ ମହାପାତ୍ର, ମଧୁସୂଦନ ବିଶ୍ୱାଳ, ଶଶିଭୂଷଣ ମଲ୍ଲିକ୍, ବାଲ୍ମିକୀ ମଲ୍ଲିକ, ରାଧା ରାଉତ, ଗିରିଧାରୀ ବରାଳ, ବିଷ୍ଣୁପ୍ରିୟା ରଥ ଏବଂ କୁନି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାହାଘରରେ ୨୫, ଅନ୍ତ୍ୟେଷ୍ଟିକ୍ରିୟାରେ ୨୦

**ପୁରୀ ଅଫିସ,୨।୮:**

ଶ୍ରୀମନ୍ଦିର ବ୍ୟତୀତ ଜିଲାର ଅନ୍ୟ ସମସ୍ତ ଧାର୍ମିକ ଅନୁଷ୍ଠାନ ଓ ପର୍ଯ୍ୟଟନସ୍ଥଳୀକୁ ଖୋଲି ଦିଆଯାଇଛି। କୋଭିଡ୍ କଟକଣା ପାଳନ ପୂର୍ବକ ଲୋକେ ସର୍ବସାଧାରଣ ସ୍ଥାନକୁ ଯାଇପାରିବେ। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଶନିବାର ଓ ରବିବାର ପୁରୀ ସହରରେ ଶଟଡାଉନ୍ ବଳବତ୍ତର ରହିବ। ତେଣୁ ଉକ୍ତ ଦୁଇଦିନ ସମ୍ପୃକ୍ତ ଅନୁଷ୍ଠାନ ଗୁଡ଼ିକରେ ସାଧାରଣ ପ୍ରବେଶ ବନ୍ଦ ରହିବ। ଧାର୍ମିକ ଅନୁଷ୍ଠାନରେ ଭୋଗ, ପ୍ରସାଦ ବଣ୍ଟନ ଓ ସେବନ ଉପରେ କଟକଣା ଜାରି ହୋଇଛି। ଧାର୍ମିକ ଅନୁଷ୍ଠାନ ଅବା ପର୍ଯ୍ୟଟନସ୍ଥଳୀରେ ଥିବା ପରିଚାଳନା କମିଟି କୋଭିଡ୍ ଗାଇଡଲାଇନ୍ ପାଳନ କରାଇବେ ଓ ପର୍ଯ୍ୟଟକଙ୍କ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ସୁନିଶ୍ଚିତ କରିବେ। ଅନୁଷ୍ଠାନ ଆଗରେ କୋଭିଡ୍ ଗାଇଡଲାଇନ୍ ସୂଚନାଫଳକ ଲଗାଇବେ। ୬୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ସମ୍ବେଦନଶୀଳ ରୋଗରେ ଆକ୍ରାନ୍ତ ବ୍ୟକ୍ତି, ଗର୍ଭବତୀ ଓ ୧୦ ବର୍ଷରୁ କମ୍ ବୟସର ଶିଶୁଙ୍କୁ ସର୍ବସାଧାରଣ ସ୍ଥାନକୁ ନ ଆସିବା ପାଇଁ ପ୍ରଶାସନ ନିବେଦନ କରିଛି। କୌଣସି ବ୍ୟକ୍ତି କୋଭିଡ୍ ଗାଇଡଲାଇନ୍ ଭଙ୍ଗ କରିଥିବା ପ୍ରମାଣ ମିଳିଲେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସହରରେ ଯାନବାହନ ଚଳାଚଳ ବନ୍ଦ ରହିବ ଓ କେବଳ ମାଲବାହୀ ଗାଡ଼ି ଓ ଜରୁରିକାଳୀନ ସେବା ଜାରି ରହିବ। ତେବେ ପୁରୀ ସହରରେ ୫ ଦିନ ଓ ଜିଲାର ଅନ୍ୟ ସମସ୍ତ ସ୍ଥାନରେ ସପ୍ତାହକ ୭ ଦିନ ଧାର୍ମିକ ଅନୁଷ୍ଠାନ ଏବଂ ପର୍ଯ୍ୟଟନସ୍ଥଳୀ ଖୋଲା ରହିବ। ଆସନ୍ତା ମାସ ୧ ତାରିଖ

**ପ୍ରଶାସନର ଅଗଷ୍ଟ ଗାଇଡ୍‌ଲାଇନ୍**
- ରାସ୍ତାରେ ଠିଆ ହୋଇ ଖାଇପାରିବେ ଷ୍ଟ୍ରିଟ୍ ଫୁଡ୍
- ଶ୍ରୀମନ୍ଦିରକୁ ଛାଡ଼ି ଖୋଲିଲା ସବୁ ମନ୍ଦିର, ପର୍ଯ୍ୟଟନସ୍ଥଳୀ

ପର୍ଯ୍ୟନ୍ତ ଏହି ଗାଇଡଲାଇନ୍ ବଳବତ୍ତର ରହିବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଟେଷ୍ଟିଂ, ଟ୍ରାକିଂ, ଭାକ୍ସିନେସନ୍ ଓ କୋଭିଡ୍‌ଜନିତ ସଚେତନତା ଉପରେ ଗୁରୁତ୍ୱ ଦିଆଯିବ। କଣ୍ଟେନମେଣ୍ଟ ଜୋନ୍ ଘୋଷଣା ହେଲେ ସଂପୃକ୍ତ ଅଞ୍ଚଳରେ କଟକଣା ବଢ଼ିବ। ସାରା ଜିଲାରେ ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ।

ଅନ୍ୟପକ୍ଷରେ ସାଧାରଣ ଲୋକେ ରାସ୍ତା ଉପରେ ଠିଆ ହୋଇ ଷ୍ଟ୍ରିଟ୍ ଫୁଡ୍ ଖାଇପାରିବେ। ଜିଲାର ସବୁ ସ୍ଥାନରେ ହାଟ ବସିପାରିବ। ସାମାଜିକ ଅନୁଷ୍ଠାନକୁ ଅନୁମତି ରହିଛି। ବିବାହ ପାଇଁ ୨୫, ବ୍ରତୋପନୟନ ଓ ଅନ୍ତ୍ୟେଷ୍ଟିକ୍ରିୟା ଆଦିରେ ୨୦ ଜଣ ଲୋକଙ୍କୁ ଅନୁମତି ମିଳିବ। ବ୍ୟବସାୟିକ ଉଦ୍ଦେଶ୍ୟରେ ସର୍ବାଧିକ ଶହେ, ଉଦ୍‌ଘାଟନ ଓ ଶିଳାନ୍ୟାସ ଭଳି କାର୍ଯ୍ୟକ୍ରମରେ ସର୍ବାଧିକ ୩୦ ଜଣଙ୍କୁ ଏକାଠି ହେବାକୁ ଅନୁମତି ମିଳିବ। କୌଣସି କାର୍ଯ୍ୟକ୍ରମରେ ଏକତ୍ରିତ ଭାବେ ଖାଦ୍ୟ ପରଷା ଯାଇପାରିବ ନାହିଁ। ପାର୍ସଲ ନେଇ ବ୍ୟକ୍ତିଗତ ସ୍ଥାନରେ ଖାଇପାରିବେ। ଆମୋଦପ୍ରମୋଦ ଉଦ୍ୟାନ, ପାର୍କ, ୱାଟର ପାର୍କ ଭଳି ଅନୁଷ୍ଠାନ ସମେତ ସୁଇମିଂ ପୁଲ୍ ଖୋଲା ରହିବ। ରାଜ୍ୟ ସରକାରଙ୍କ ସମସ୍ତ କୋଭିଡ୍ କଟକଣା ଓ ପୁରୀ ପାଇଁ ଥିବା ନିର୍ଦ୍ଦେଶନାମା ବଳବତ୍ତର ରହିବ।




ଅଲିମ୍ପିକ୍ସ ହକିରେ ଭାରତୀୟ ଦଳର ସଫଳତା ପାଇଁ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

# ସ୍ୱତନ୍ତ୍ର ଅନୁଧ୍ୟାନ ଶଯ୍ୟା ଉଦ୍‌ଘାଟିତ



ଇ-୨୪ ହସ୍ପିଟାଲରେ ସ୍ୱତନ୍ତ୍ର ଅନୁଧ୍ୟାନ ଶଯ୍ୟାକୁ ମୁଖ୍ୟ ଚିକିତ୍ସାଧିକାରୀ ଉଦ୍‌ଘାଟନ କରୁଛନ୍ତି ।

**ପୁରୀ ଅଫିସ, ୨।୮:**

ମୋଚିସାହିସ୍ଥିତ ଇ-୨୪ ହସ୍ପିଟାଲରେ ସୋମବାର ଆଉ ୪ଟି ସ୍ୱତନ୍ତ୍ର ଅନୁଧ୍ୟାନ ଶଯ୍ୟା (ଏଚ୍.ଡି.ୟୁ) ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଅନୁଧ୍ୟାନ ଶଯ୍ୟାକୁ ଉଦ୍‌ଘାଟନ କରିଥିଲେ। ସରକାରୀ ସ୍ୱାସ୍ଥ୍ୟବୀମା ଜରିଆରେ ଅଧିକରୁ ଅଧିକ ଗରିବ ଲୋକ୍‌କ କିପରି ବେସରକାରୀ ଚିକିତ୍ସାଳୟରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ ସେନେଇ ମୁଖ୍ୟ ଚିକିତ୍ସାଧାକାରୀ ଗୁରୁତ୍ୱରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ବିଜୟ ଚନ୍ଦ୍ର ତ୍ରିପାଠୀ, ଦଇତାପତି ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଇଂ. ରାଜେଶ ମିଶ୍ର, ନିର୍ଦ୍ଦେଶକ ଈପସିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସ୍ୱତନ୍ତ୍ର ଅନୁଧ୍ୟାନ ଶଯ୍ୟାକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋବିନ୍ଦ ତ୍ରିପାଠୀଙ୍କ ନାମରେ ଉତ୍ସର୍ଗ କରାଯାଇଛି। ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ. ମିଶ୍ର ଇ-୨୪ ହସ୍ପିଟାଲକୁ ଏକ ଚାରିଟେବଲ ଟ୍ରଷ୍ଟ ଅଧୀନରେ ପରିଚାଳନା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଯାହାଦ୍ୱାରା ଅଧିକରୁ ଅଧିକ ଗରିବ ଲୋକ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ବିନା ମୂଲ୍ୟରେ ପାଇପାରିବେ ବୋଲି ସେ କହିଥିଲେ। ନୂତନ ଚାରିଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷର ସମସ୍ତ ଡାକ୍ତରୀ ଯନ୍ତ୍ରପାତି ଆଇସିଆଇସିଆଇ ଫାଉଣ୍ଡେଶନ, ଟିସିଏସ୍ ଏବଂ ଗୋବିନ୍ଦ ତ୍ରିପାଠୀ ଫାଉଣ୍ଡେଶନ ପକ୍ଷରୁ ସିଏସ୍‌ଆର ମାଧ୍ୟମରେ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆଇସିଆଇସିଆଇ ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ଗୁଲାବ କେଶରୀ, ସ୍ଥାନୀୟ ପ୍ରବନ୍ଧକ ଜୀବନ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ବସ୍ତି ବାସିନ୍ଦା

**ପୁରୀ ଅଫିସ, ୨।୮:**

ପୁରୀ ପୌରସଂସ୍ଥାର ୩୧ ନମ୍ବର ୱାର୍ଡ ଅନ୍ତର୍ଗତ ବିଜୁ ନଗର ବସ୍ତି, ମା' ହରଚଣ୍ଡୀ ବସ୍ତି ଏବଂ ମା'ତାରିଣୀ ବସ୍ତିକୁ ପୁରୀ ସହରର ବସ୍ତି ତାଲିକାରେ ସାମିଲ କରିବାକୁ ଦାବି କରି ସୋମବାର ଏହି ୩ ବସ୍ତିର ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରଛନ୍ତି। ବସ୍ତିବାସିନ୍ଦାମାନେ ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ପ୍ରଶାସନର ପାତର ଅନ୍ତର ନୀତିକୁ ବିରୋଧ କରିଥିଲେ। ବସ୍ତିବାସିନ୍ଦା କହିଛନ୍ତି, ପୁରୀ ପୌରସଂସ୍ଥା ଅନ୍ତର୍ଗତ ୩୧ ନମ୍ବର ୱାର୍ଡରେ ବିଜୁ ନଗର ବସ୍ତି, ମା' ହରଚଣ୍ଡୀ ବସ୍ତି ଏବଂ ମା' ତାରିଣୀ ବସ୍ତି ରହିଛି। ସେମାନେ ଝୁମ୍ପୁଡି ଘରକରି ରହିଆସୁଛନ୍ତି। ସେମାନଙ୍କ ନିକଟରେ ୨୦୧୧-୧୨ରେ ହୋଇଥିବା ଜନଗଣନା ସର୍ଭେ କାଗଜପତ୍ର, ଭୋଟର ପରିଚୟପତ୍ର, ଆଧାର କାର୍ଡ, ବିଦ୍ୟୁତ ବିଲ୍, ପାନୀୟଜଳ ବିଲ୍ ଏବଂ ଖାଉଟି କାର୍ଡ ବସ୍ତି ଠିକଣାରେ ରହିଛି। ସେହିପରି ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବିଭିନ୍ନ ଦେୟ ପୈଠ କରୁଛନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ ପ୍ରଶାସନ ପକ୍ଷରୁ କରାଯାଇଥିବା ସର୍ଭେରେ ପୁରୀ ବସ୍ତି ତାଲିକାରେ ଉକ୍ତ ୩ଟି ବସ୍ତିର ନାମ ନାହିଁ। ସର୍ଭେ ଅନୁଯାୟୀ ତାଲିକାରେ ନାମ ଥିବା ବସ୍ତି ଗୁଡିକରେ ସରକାରଙ୍କ ତରଫରୁ ଭୂମିହୀନଙ୍କୁ ପଟ୍ଟା ବଣ୍ଟାଯାଇଥିବା ବେଳେ ତାଲିକାରେ ନାମ ନ ଥିବାରୁ ସଂପୃକ୍ତ ବସ୍ତିବାସିନ୍ଦା ବାଦ୍ ପଡିଲେ। ତେଣୁ ପ୍ରଶାସନ ଏହି ଘଟଣାର ତଦନ୍ତ କରି ଉକ୍ତ ୩ ବସ୍ତିକୁ ତାଲିକାରେ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି।

## ଶ୍ରୀମନ୍ଦିର ଆଗରେ ଲୌହ ଶେଡ୍ ବ୍ୟବସ୍ଥାକୁ ବିରୋଧ

**ପୁରୀ ଅଫିସ,୨।୮:**

ଧାଡ଼ି ଦର୍ଶନ ପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଲୌହ ନିର୍ମିତ ଶେଡ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ। ରଥଯାତ୍ରା ପାଇଁ ଉକ୍ତ ଶେଡ୍‌କୁ ହଟାଇ ଦିଆଯାଇଥିଲା। ଏବେ ପୁଣି ଶେଡ୍ ନିର୍ମାଣ ଲାଗି ସୋମବାର ସନ୍ଧ୍ୟାରେ ଉପକରଣ ସବୁ ଗାଡ଼ିରେ ଅଣାଯାଇଛି। ଏବେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ତିନି ରଥ ରହିଛି। ରଥକୁ ଭାଙ୍ଗି ଅଲଗା କରାଯିବା ଓ ଲୌହ ଶେଡ୍ ଲଗାଯିବା କାର୍ଯ୍ୟ ଏକକାଳୀନ ଭାବେ ହେବ। ଆସନ୍ତା ସପ୍ତାହକ ଭିତରେ ଏହି କାମ ସରିବ। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏହି ବ୍ୟବସ୍ଥା ଲାଗୁ କରିଥିଲା। ଫଳରେ ସିଂହଦ୍ୱାର ଦେଇ ଅନଧିକାର ପ୍ରବେଶ ବନ୍ଦ ରହିଥିଲା। ସେହିଭଳି ଏବେ କୋଭିଡ୍ କଟକଣା ଆଧାରରେ ସର୍ବସାଧାରଣ ଦର୍ଶନ ଅନୁମତି ମିଳିବାକୁ ଥିବାରୁ ଏହି ଶେଡ୍‌ରେ କିଓସ୍କୋ ବ୍ୟବସ୍ଥା ଲାଗୁ ହେବ। କିଓସ୍କୋରେ ପରିଚୟପତ୍ର ଯାଞ୍ଚ ସହ ଅନ୍ୟ ଆନୁଷଙ୍ଗିକ ଯାଞ୍ଚ ବ୍ୟବସ୍ଥା ରହିବ। ଅନ୍ୟପକ୍ଷରେ ଲୌହ ଶେଡ୍ ବ୍ୟବସ୍ଥାକୁ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ବିରୋଧ କରିଛି। ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି, ଶ୍ରଦ୍ଧାଳୁମାନେ ଗୋଡ଼ ଧୋଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥାନ୍ତି। ମାତ୍ର ଶେଡ୍ ବ୍ୟବସ୍ଥା ଯୋଗୁ ଲୋକେ ଗୋଡ଼ ନ ଧୋଇ ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ସେହିଭଳି ରଥଯାତ୍ରା ସମୟରେ ଶେଡ୍‌କୁ ଖୋଲିବାକୁ ପଡୁଛି। ତେଣୁ ଏହାକୁ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯିବା ପରିବର୍ତ୍ତେ ସ୍ଥାୟୀ ଭାବେ କାକୁଡ଼ିଖାଇ ଠାକୁରାଣୀଙ୍କଠାରୁ ପାଦଧୁଆ ପର୍ଯ୍ୟନ୍ତ ନିର୍ମାଣ କରିବା ପାଇଁ ସେ ଦାବି କରିଛନ୍ତି। ଭକ୍ତମାନେ ପାଦଧୋଇ ଶ୍ରୀମନ୍ଦିରକୁ ପ୍ରବେଶ କଲେ ଶ୍ରୀମନ୍ଦିରର ପବିତ୍ରତା ଅକ୍ଷୁଣ୍ଣ ରହିବ ଓ ସିଂହଦ୍ୱାର ସମ୍ମୁଖ ରାସ୍ତା ସଂକୀର୍ଣ୍ଣ ହେବ ନାହିଁ ବୋଲି ରଥ ଯୁକ୍ତି ବାଢ଼ିଛନ୍ତି।

# ପୁରୀ-କୋଣାର୍କ ମୁଖ୍ୟରାସ୍ତା ବିଚ୍ଛିନ୍ନ ହେବା ଆଶଙ୍କା

**ପୁରୀ ଅଫିସ,୨।୮:**

ପୁରୀ-କୋଣାର୍କ ମୁଖ୍ୟ ରାସ୍ତା ବିଚ୍ଛିନ୍ନ ହେବା ଭଳି ସ୍ଥିତି ଉପୁଜିଲାଣି। ମୁଖ୍ୟ ରାସ୍ତାର ରାମଚଣ୍ଡୀ ନିକଟସ୍ଥ ସାହୁଖଣତାଠାରେ ସମୁଦ୍ର ଢ଼େଉ ମାଡ଼ରେ କୂଳ ଖାଇବା ଦ୍ୱାରା ରାସ୍ତା ବିଚ୍ଛିନ୍ନ ହେବାର ଆଶଙ୍କା ଦେଖା ଦେଇଛି। ସମୁଦ୍ର ଢ଼େଉ ମାଡ଼ରେ ଗତ କିଛି ଦିନ ହେବ ଚନ୍ଦ୍ରଭାଗା ରାମଚଣ୍ଡୀ କୂଳ ଖାଉଥିବାବେଳେ ସାହୁଖଣତାଠାରେ ସମ୍ପୂର୍ଣ୍ଣ ରୂପେ ବାଲି ଧୋଇଯାଇଛି। ଫଳରେ ରାସ୍ତା କ୍ଷତିଗ୍ରସ୍ତ ହେବା ସହ ବିଚ୍ଛିନ୍ନ ହୋଇପାରେ। ସମ୍ପୃକ୍ତ ସ୍ଥାନରେ ପ୍ରଶାସନ ପକ୍ଷରୁ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇନାହିଁ। ଲୋକେ ଶଙ୍କିତ ଅବସ୍ଥାରେ ଯାତାୟାତ କରୁଛନ୍ତି। ସ୍ଥାନୀୟ ବାସିନ୍ଦା ଦିବାକର ବରାଳ କହିଛନ୍ତି, ବିଗତ ଦିନରେ ଅନେକ ସ୍ଥାନରେ କୂଳ ଖାଇ ବାଲି ଧୋଇଯାଇଥିବା ଦେଖିବାକୁ ମିଳିଥିଲା। ରାସ୍ତା ଖାଇଯିବା କାରଣରୁ ସାନି ରାସ୍ତା ନିର୍ମାଣ କରାଯିବାକୁ ପଡୁଛି। ତେବେ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଏଠାରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଚନ୍ଦ୍ରଭାଗା ବଜାର କମିଟି ସଭାପତି ଭାସ୍କର ଚନ୍ଦ୍ର ବେହେରା କହିଛନ୍ତି, ଯଦି ଖୁବ୍ ଶୀଘ୍ର ଉକ୍ତ ସ୍ଥାନରେ ସୁରକ୍ଷା ପ୍ରାଚୀର ନିର୍ମାଣ କରା ନ ଯାଏ ତେବେ ରାସ୍ତା ସମ୍ପୂର୍ଣ୍ଣ ରୂପେ ଧୋଇଯିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ଚନ୍ଦ୍ରଭାଗାଠାରୁ ଚାଲିଥିଲେ ମଧ୍ୟ ଏବେ ଯେଉଁ ସ୍ଥାନରେ ରାସ୍ତା ନଷ୍ଟ ହେବା ଆରମ୍ଭ ହୋଇଛି ସେଠାରେ ପ୍ରାଚୀର ହୋଇପାରିନାହିଁ। ତେବେ ଜାତୀୟ ସଡ଼କ ଉନ୍ନୟନ କର୍ତ୍ତୃପକ୍ଷ ବରିଷ୍ଠ ଉନ୍ନୟନ ଅଧିକାରୀ ରୋହନ୍ ଗୌରବ ରାୟ କହିଛନ୍ତି, ସମ୍ପୃକ୍ତ ଅଞ୍ଚଳଟି ଅଭୟାରଣ୍ୟ ସୀମା ମଧ୍ୟରେ ଆସୁଛି। ତେଣୁ ସେଠାରେ ଉନ୍ନୟନ କାର୍ଯ୍ୟ କରିବା ଜାତୀୟ ସଡ଼କ ଉନ୍ନୟନ ବିଭାଗର ନୁହେଁ। ଅଭିଯୋଗ ପାଇବା ପରେ ଏନେଇ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ସୂଚନା ଦେଇସାରିଛୁ ବୋଲି ସେ କହିଛନ୍ତି।

# ନୂଆ ବ୍ଲୁ ଫ୍ଲାଗ୍ ବିଚ୍ ପ୍ରସ୍ତାବକୁ ବିରୋଧ

**ପୁରୀ ଅଫିସ,୨।୮:**

ପୁରୀ ବେଳାଭୂମିରେ ନୂଆ ବ୍ଲୁଫ୍ଲାଗ୍ ବିଚ୍ ପ୍ରସ୍ତାବକୁ ସହରବାସୀ ବିରୋଧ କରିଛନ୍ତି। ବିଶେଷକରି ବେଳାଭୂମିରେ ଛୋଟ ବେପାର କରି ଚଳୁଥିବା ଲୋକେ ବ୍ଲୁଫ୍ଲାଗ୍ ନିର୍ମାଣ କାର୍ଯ୍ୟକାରୀ କରାଇ ଦେବେନାହିଁ ବୋଲି ଚେତାବନୀ ଦେଇଛନ୍ତି। ବ୍ଲୁଫ୍ଲାଗ୍ ବିଚ୍ ଯୋଜନାକୁ ବିରୋଧ କରି ୨ଶହରୁ ଊର୍ଦ୍ଧ୍ୱ ସଙ୍ଗଠନ ବୈଠକ କରିଛନ୍ତି। ସମୁଦ୍ର ଉପରେ ନିର୍ଭର କରୁଥିବା ବିଭିନ୍ନ ମତ୍ସ୍ୟଜୀବୀ ସଂଘ, ଫଟୋଗ୍ରାଫର୍ ସଂଘ, ଝାଲମୁଡ଼ି ବିକ୍ରେତା ସଂଘ, ଯାତ୍ରୀ ପରିଚର୍ଯ୍ୟା ସଂଘ, ଟୁରିଷ୍ଟ ଗାଇଡ୍ ସଂଘ ପ୍ରଭୃତି ଏକତ୍ରିତ ହୋଇ ପୁରୀ ବେଳାଭୂମି ସୁରକ୍ଷା ସମିତିର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ ହେବା ଦ୍ୱାରା ବ୍ୟବସାୟୀମାନେ ସମୁଦ୍ର ବେଳାଭୂମିକୁ ଯିବାରୁ ବଞ୍ଚିତ ହେବେ। ବିଶେଷ ଭାବେ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଚକ୍ର ନାରାୟଣ ମନ୍ଦିର ସଂଲଗ୍ନ ଅଞ୍ଚଳକୁ ବ୍ୟବସାୟୀମାନେ ପେଟପାଟଣା ପାଇଁ ଯାଇଥାନ୍ତି। ମାତ୍ର ସରକାର ଏବେ ସେଠାରେ ବ୍ଲୁଫ୍ଲାଗ୍ ବିଚ୍ ନିର୍ମାଣ ପାଇଁ ଯୋଜନା କରୁଥିବାରୁ ସେମାନେ ବ୍ୟବସାୟ ହରାଇବାର ଆଶଙ୍କା ରହିଛି। ସେହିପରି କାର୍ତ୍ତିକ ପୂର୍ଣ୍ଣିମାରେ ଲୋକେ ଉକ୍ତ ଅଞ୍ଚଳକୁ ଯାଇ ସମୁଦ୍ରରେ ଡଙ୍ଗା ଭସାଇଥାନ୍ତି। ଏଣୁ ପ୍ରଶାସନ ଉକ୍ତ ସ୍ଥାନରେ ବ୍ଲୁଫ୍ଲାଗ୍ ବିଚ୍ ନିର୍ମାଣ କରିବାରୁ ବିରତ ରୁହନ୍ତୁ ବୋଲି ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ପ୍ରଶାସନ ପୁରୀ ସହରବାସୀଙ୍କ ଜୀବିକାକୁ ପ୍ରାଥମିକତା ଦେଇ ନିଷ୍ପତ୍ତି ନେବ। ସହରବାସୀଙ୍କ ସହଯୋଗ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବ।

**ଜୀବିକାକୁ ପ୍ରଥମେ ଗୁରୁତ୍ୱ ଦିଆଯାଉ**

# ସମୁଦ୍ର ସ୍ନାନର ମଜା ନେଲେ ପର୍ଯ୍ୟଟକ

**ପୁରୀ ଅଫିସ,୨।୮:**



କୋଭିଡ୍ କଟକଣା କୋହଳ ହେବା ପରେ ସୋମବାର ପୁରୀ ସହରରେ ଦୋକାନ ବଜାର ଖୋଲିଛି। ପ୍ରଥମ ଦିନରୁ ହିଁ ପୁରୀ ବେଳାଭୂମିରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଛୋଟବଡ଼ ବ୍ୟବସାୟୀ ଦୋକାନ ଖୋଲିଥିବା ବେଳେ ଶପିଂ ମଲ୍ ଓ ଶୋ'ରୁମ୍ ମଧ୍ୟ ଖୋଲିଛି। ବଡ଼ଦାଣ୍ଡରେ ଷ୍ଟ୍ରିଟ୍ ଫୁଡ୍ ଷ୍ଟଲମାନ ପଡ଼ିଛି। ଆସନ୍ତା ୪ତାରିଖରେ ଶ୍ରୀମନ୍ଦିର ଖୋଲିବା ନିଷ୍ପତ୍ତି ଆସିବାକୁ ଥିଲେ ମଧ୍ୟ ସୋମବାର ବଡଦାଣ୍ଡରେ ପତିତପାବନଙ୍କ ଦର୍ଶନ ପାଇଁ ଗହଳି ହୋଇଥିଲା। ବଡଦାଣ୍ଡରେ ଉଠାବ୍ୟବସାୟୀମାନେ ବୁଲି ବୁଲି ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କୁ ଫଟୋଚିତ୍ର, ମାଳି ଓ ସଳିତା ଆଦି ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ସେହିପରି ପୁରୀ ସହରକୁ ବସ ଚଳାଚଳ ସଂଖ୍ୟା ବଢ଼ିଛି। ପୂର୍ବରୁ ୧୫ଟି ବସ୍ ଚଳାଚଳ କରୁଥିବା ବେଳେ ସୋମବାର ପ୍ରାୟ ୪୦ଟି ବସ୍ ଗଡ଼ିଛି। ରେଳଷ୍ଟେଶନରେ ମଧ୍ୟ ଗହଳଚହଳ ଲାଗିଛି। ଅନେକ ହୋଟେଲ, ଲଜ୍ ଖୋଲିଛି। ପର୍ଯ୍ୟଟକମାନେ ବେଳାଭୂମିରେ ସମୟ ବିତାଇବା ସହ ସମୁଦ୍ରସ୍ନାନର ମଜା ନେଇଛନ୍ତି। ରାଜସ୍ଥାନର ପ୍ରଭାସ ଆରୋରା ସମୁଦ୍ରରେ ଗାଧୋଇବା ସହ ପୁରୀ ଷ୍ଟ୍ରିଟ୍ ଫୁଡ୍‌ର ମଜା ଉଠାଇ ଅତ୍ୟନ୍ତ ଖୁସି ଥିବା କହିଛନ୍ତି। ସେ ପରିବାର ସହ ସପ୍ତାହେ ତଳେ ଭୁବନେଶ୍ୱରକୁ ଆସିଥିଲେ। ସରକାର କଟକଣା କୋହଳ କରିଥିବା ଜାଣିବା ପରେ ସେ ସୋମବାର ପୁରୀରେ ପହଞ୍ଚିଥିଲେ। ସେ ଡବଲ୍ ଡୋଜ୍ ଭାକ୍ସିନ୍ ନେଇ ସାରିଛନ୍ତି ଓ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିଥିବାରୁ ପୁରୀରେ କିଛି ଦିନ ରହିବେ ବୋଲି କହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରି ସେ ଫେରିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ପୁରୀରେ ଅଟୋ ଓ ରିକ୍ସା ଚଳାଚଳ ବନ୍ଦ ଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଗୁଜୁରାଣ ମେଣ୍ଟାଇବା ପାଇଁ ହଇରାଣ ହେଉଥିଲେ। ଏବେ କଟକଣା ଖୋଲିବା ପରେ ଅଟୋ ଓ ରିକ୍ସା ଚଳାଚଳ ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଅଠରନଳାଠାରେ ବ୍ୟାପକ ପୋଲିସ ବ୍ୟବସ୍ଥା ହୋଇଥିବା ବେଳେ ବେଳାଭୂମି ସଂଲଗ୍ନ ରାସ୍ତାରେ ପୋଲିସ ମୁତୟନ କରାଯାଇଥିଲା। ସମୁଦ୍ରକୂଳକୁ ଆସୁଥିବା ଯାନବାହନ ଯାଞ୍ଚ କରାଯିବା ସହ ଯାତ୍ରୀମାନଙ୍କୁ କୋଭିଡ୍ କଟକଣା ମଧ୍ୟରେ ବୁଲିବା ପାଇଁ ନିବେଦନ କରାଯାଇଛି। ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ପର୍ଯ୍ୟଟକଙ୍କ ଆଗମନ ଆଗକୁ ବଢ଼ିପାରେ। ଯଦି ଶ୍ରୀମନ୍ଦିର ଖୋଲୁଛି, ତେବେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବେ। ତେଣୁ ପୋଲିସ ପ୍ରଶାସନ କୋଭିଡ୍ କଟକଣା ପାଳନ କରାଇବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଛି।

**ଜମିଲା ଷ୍ଟ୍ରିଟ୍ ଫୁଡ୍ ଆସର**



ନୂଆ ବ୍ଲୁ ଫ୍ଲାଗ୍ ବିଚ୍ ପ୍ରସ୍ତାବକୁ ବିରୋଧ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ସୋମବାର ପୁରୀ ବେଳାଭୂମିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



୧୦ ଦଫା ଦାବି ନେଇ ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦ ପକ୍ଷରୁ ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ।